ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 111 | Brahmapur | Thursday 04 June 2026 | ବର୍ଷ: ୪୫/ ଅଙ୍କ: ୧୧୧ | ଗୁରୁବାର ୪ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


## ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ, ୨୧ ଜୀବନ୍ତଦଗ୍ଧ

ନୂଆଦିଲ୍ଲୀ, ୩।୬: ଜାତୀୟ ରାଜଧାନୀ ଦିଲ୍ଲୀରେ ଭୟଙ୍କର ଅଗ୍ନିକାଣ୍ଡ । ଦିଲ୍ଲୀର ମାଲବ୍ୟ ନଗର ଅଞ୍ଚଳରେ ଥିବା ଏକ ରେଷ୍ଟୁରାଣ୍ଟର



ବେସମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୧ ଜଣ ଲୋକତଙ୍କ ମୃତ୍ୟୁ ହୋଇଛି । ସେହିପରି ଅନେକ ଆହତ ହୋଇଛନ୍ତି । ଏବେବି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆଜି ସକାଳ ପାଖାପାଖି ୯ଟା ସମୟରେ ଅଗ୍ନିକାଣ୍ଡ ଘଟିଛି । ତେବେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଅଗ୍ନିକାଣ୍ଡ ସମୟରେ, ରେଷ୍ଟୁରାଣ୍ଟର ବେସମେଣ୍ଟରେ ଅନେକ ଲୋକ ଉପସ୍ଥିତ ଥିଲେ, ସେମାନେ ଧୂଆଁ ଏବଂ ନିଆଁରେ ଫସି ରହିଥିଲେ । ସୂଚନା ପାଇବା ପରେ, ଦିଲ୍ଲୀ ଅଗ୍ନିଶମ ସେବା ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଶୀଘ୍ର ନିଆଁ ଭିତରେ ଫସି ରହିଥିବା ଲୋକମାନଙ୍କୁ ଉଦ୍ଧାର କରିଥିଲେ । ଅଗ୍ନିକାଣ୍ଡର ଭୟାବହତାକୁ ଦୃଷ୍ଟିରେ ରଖି, ଘଟଣାସ୍ଥଳରେ ମୋଟ ୧୦ଟି ଦମକଳ ଗାଡ଼ି ନିୟୋଜିତ କରାଯାଇଥିଲା । ସଦ୍ୟ ରିପୋର୍ଟ ଅନୁସାରେ, ଅଗ୍ନିକାଣ୍ଡରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଲୋକ ଗୁରୁତର ଅଛନ୍ତି । ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି, ଘଟଣାରେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି । ଘଟଣା ପରେ ତୁରନ୍ତ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦିଲ୍ଲୀ ଅଗ୍ନିଶମ ସେବା, ଦିଲ୍ଲୀ ପୋଲିସ, ଡିଡିଏମଏ, ସିଏଟିଏସ ଆମ୍ବୁଲାନ୍ସ ସେବା ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାଗୁଡ଼ିକୁ ନିୟୋଜିତ କରାଯାଇଛି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, ମାଲବ୍ୟ ନଗରରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ଜୀବନହାନୀରେ ଗଭୀର ମର୍ମାହତ । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା । ଆହତମାନଙ୍କ ଶୀଘ୍ର ଆରୋଗ୍ୟ ଏବଂ ଏହି ହୃଦୟବିଦାରକ ଦୁର୍ଘଟଣାରେ ପ୍ରଭାବିତ ସମସ୍ତଙ୍କ ପାଇଁ ଶକ୍ତି ଏବଂ ସାହସ ପାଇଁ ମୁଁ ପ୍ରାର୍ଥନା କରୁଛି । ଘଟଣା ବିଷୟରେ ସୂଚନା ପାଇବା ମାତ୍ରେ, ଦିଲ୍ଲୀ ଅଗ୍ନିଶମ ସେବା, ଦିଲ୍ଲୀ ପୋଲିସ, ଡିଡିଏମଏ, କ୍ୟାଟସ୍ ଆମ୍ବୁଲାନ୍ସ ସେବା ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାଗୁଡ଼ିକର ଦଳଗୁଡ଼ିକୁ ନିୟୋଜିତ କରାଯାଇଥିଲା ଏବଂ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇଛି । ଦିଲ୍ଲୀ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ପ୍ରଭାବିତ ପରିବାରକୁ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଏବଂ ସହଯୋଗ ଯୋଗାଇ ଦିଆଯାଉଛି । ଏହି ଦୁଃଖର ମୁହୂର୍ତ୍ତରେ ଦିଲ୍ଲୀ ସରକାର ପ୍ରଭାବିତ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛି । ଏହି ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ।

## ଓଡ଼ିଶାରେ ନୂଆ ଉପକୂଳ ରାଜପଥକୁ କ୍ୟାବିନେଟ୍‌ରେ ମଞ୍ଜୁରୀ

### ରାମେଶ୍ୱର ଠାରୁ ଆରମ୍ଭ ହୋଇ ପାରାଦୀପକୁ ଛୁଇଁବ

### ଖର୍ଚ୍ଚ ହେବ ୮୩୦୦ କୋଟି, ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୩।୬: ଓଡ଼ିଶାରେ ନୂଆ ଉପକୂଳ ରାଜପଥକୁ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୩ କିଲୋମିଟର ଏହି ରାଜପଥ ନିର୍ମାଣ ହେବ। ଏହି ମେଗା ପ୍ରକଳ୍ପରେ ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ଉପକୂଳ ରାଜପଥ ରାମେଶ୍ୱର ଠାରୁ ପାରାଦୀପରେ ପହଞ୍ଚିବ। ଅର୍ଥାତ ଏହି ପ୍ରକଳ୍ପ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ଛୁଇଁବ। ଏହି ପ୍ରକଳ୍ପ ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିକାଶରେ ସହାୟକ ହେବ।

ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥର ପ୍ରକଳ୍ପ ଅଂଶ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଗତିକରୁଛି। ୧୬ ନମ୍ବର ଜାତୀୟ ରାଜପଥର ଏହା ହେଉଛି ସ୍ୱର୍ଣ୍ଣ ଚତୁର୍ଭୁଜର ଅଂଶ ଏବଂ ଏହା ପୂର୍ବରୁ ଏକ ୬ ଥାକିଆ ରାଜପଥ ଅଟେ, ଯାହା ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ପ୍ରମୁଖ ସହର ଦେଇ ଗତି କରୁଛି। ଜାତୀୟ ରାଜପଥ ୨୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରୁଛି ଏବଂ ଏହା ସାତପଡ଼ା ଏବଂ କୋଣାର୍କ ଆଡକୁ ସଂପ୍ରସାରିତ ହୋଇଛି। ଦୁଇଟି ପ୍ୟାକେଜ୍‌ରେ ନିର୍ମାଣ ହେବାକୁ ଥିବା ଏହି ସଡ଼କପଥର ମୋଟ ଦୈର୍ଘ୍ୟ ୧୬୦.୧୮ କିଲୋମିଟର ରହିବ। ଏଥିରେ ମୋଟ ୮୩୦୦.୭୯ କୋଟି ଟଙ୍କା ବ୍ୟୟ ହେବ। ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪୦ କିମିର ୪-ଥାକିଆ ବିଶିଷ୍ଟ ରାସ୍ତା ପାଇଁ ମୋଟ୍ ୫୩୦୪.୮୦ କୋଟି ଟଙ୍କା ଓ ୮୦.୭୮ କିମି ବିଶିଷ୍ଟ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୨ ଥାକିଆ ବିଶିଷ୍ଟ ରାସ୍ତା ପାଇଁ ୨୯୯୫.୯୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ୧୭.୫ ବର୍ଷର ରିହାତି ଅବଧି ପ୍ରଦାନ କରାଯିବ। ଏହି ପ୍ରକଳ୍ପକୁ ଓଡ଼ିଶା ଭିତ୍ତିଭୂମି ବିକାଶରେ ନୂଆ ଅଧ୍ୟାୟର ଆରମ୍ଭ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ ରାଜ୍ୟରେ ସଡ଼କ ସଂଯୋଗକୁ ସୁଦୃଢ଼ କରିବ, ଯାତ୍ରା ସମୟ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ, ଲଜିଷ୍ଟିକ୍ସ ଓ ଅର୍ଥନୈତିକ ପ୍ରଗତି ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ସେ ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସହାୟତା ଓ ରାଜ୍ୟର ପ୍ରଗତି ନିମନ୍ତେ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଛନ୍ତି।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁସାରେ ଏହି ପ୍ରକଳ୍ପ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂପୁର ଜିଲ୍ଲା ଦେଇ ଗତି କରିବ। ଏନ୍‌ଏଚ୍-୧୬ର ଅଂଶ ଭାବେ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକ ଦେଇ ପୂର୍ବରୁ ୬-ଲେନ୍ ବିଶିଷ୍ଟ ରାଜପଥ ରହିଛି। ଭୁବନେଶ୍ୱରକୁ ପୁରୀ ସହ ଯୋଡ଼ୁଥିବା ଏନ୍‌ଏଚ୍-୩୧୬ ସାତପଡ଼ା ଓ କୋଣାର୍କ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ପୂର୍ବରୁ ପୁରୀରୁ କୋଣାର୍କ ଏବଂ ପୁରୀରୁ ସାତପଡ଼ାକୁ ଥିବା ରାସ୍ତାର ଜ୍ୟାମିତିକ ଡିଜାଇନ ଅତ୍ୟନ୍ତ ଦୁର୍ବଳ ରହିଛି। ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ସେଥିରେ ବ୍ୟାପକ ସୁଧାର ଘଟିବ। ଏହି ପ୍ରକଳ୍ପର ପ୍ରଥମ ପ୍ୟାକେଜ୍‌ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଥାକିଆ ଏବଂ ପ୍ୟାକେଜ୍-୨ରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ପେଭ୍‌ଡ ସୋଲର୍ଡ ସହ ୨ ଥାକିଆ ବିଶିଷ୍ଟ ରାସ୍ତା ତିଆରି ହେବ। ଏହାଦ୍ୱାରା ଗାଡ଼ିର ଗତି ଘଣ୍ଟାପ୍ରତି ୧୦୦ କିଲୋମିଟର ସୁନିଶ୍ଚିତ ହେବ ଏବଂ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଓ ଜଗତସିଂପୁର ଜିଲ୍ଲାରେ ଗମନାଗମନ ଦକ୍ଷତା ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଆଞ୍ଚଳିକ ଗମାନଗମନକୁ ବୃଦ୍ଧି କରିବ ଏବଂ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ।

ଏହି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ହେବା ପରେ ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍ ହ୍ରାସ ପାଇବାର ଆଶା କରାଯାଉଛି। ଯାତ୍ରୀ ଏବଂ ମାଲ ପରିବହନ ପାଇଁ ନିରାପଦ, ଦ୍ରୁତ ଏବଂ ନିରବଚ୍ଛିନ୍ନ ସଂଯୋଗୀକରଣ ପ୍ରଦାନ କରାଯିବ। ଏହା ସହିତ ଏହି ପ୍ରକଳ୍ପ ଇନ୍ଧନ ବ୍ୟବହାର, କାର୍ବନ ନିର୍ଗମନ ଏବଂ ଯାନବାହନ ପରିଚାଳନା ଖର୍ଚ୍ଚରେ ଯଥେଷ୍ଟ ହ୍ରାସ ଆଣିବ।

## କୁଏତ ବିମାନବନ୍ଦର ଉପରେ ଇରାନର ମିସାଇଲ ମାଡ଼

## ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୩।୬: ଗଲ୍ଫ ବା ଉପସାଗରୀୟ ଅଞ୍ଚଳରେ ଚାଲିଥିବା ଯୁଦ୍ଧ ଆଜି ଆହୁରି ଭୟାନକ ରୂପ ଧାରଣ କରିଛି, ଯେଉଁଥିରେ କୁଏତ ଆନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଏକ ଇରାନୀ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଛି। କୁଏତରେ ଥିବା ଭାରତୀୟ ଦୂତାବାସ ବୁଧବାର ଦିନ ଏହି ଦୁଃଖଦ ଖବରକୁ ସ୍ପଷ୍ଟ କରିଛି। କୁଏତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ବିମାନବନ୍ଦରର ଅଫିସ ଓ କୂଟନୈତିକ କାର୍ଯ୍ୟାଳୟଗୁଡ଼ିକୁ ଟାର୍ଗେଟ କରି କରାଯାଇଥିବା ଏହି ଡ୍ରୋନ୍ ଓ ମିସାଇଲ ମାଡ଼ରେ ୬୩ ଜଣ ଯାତ୍ରୀ ଏବଂ ବିମାନବନ୍ଦର କର୍ମଚାରୀ ଆହତ ହୋଇଛନ୍ତି। ଆକ୍ରମଣ ପରେ ବିମାନ ସେବାକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା, କିନ୍ତୁ ପରେ ସୁରକ୍ଷା ଯାଞ୍ଚ ଶେଷ କରି ଟର୍ମିନାଲ-୪ ରୁ କୁଏତ ଏୟାରୱେଜ୍ ପୁଣି ଉଡ଼ାଣ ଆରମ୍ଭ କରିଛି। ଇରାନ ବାହରିନରେ ଥିବା ଆମେରିକାର ପଞ୍ଚମ ନୌସେନା ବାହିନୀ ମୁଖ୍ୟାଳୟ ଏବଂ ଏକ ଏୟାରବେସ୍ ଉପରେ ମଧ୍ୟ ଆକ୍ରମଣ କରିଥିବା ଦାବି କରିଛି, କିନ୍ତୁ ବାହରିନ ସେନା ଇରାନର ୩ଟି କ୍ଷେପଣାସ୍ତ୍ର ଓ ଅନେକ ଡ୍ରୋନକୁ ଆକାଶରେ ହିଁ ଧ୍ୱଂସ କରିଦେଇଛି. ଆମେରିକା ସାମରିକ ବାହିନୀ କହିଛି ଯେ କୁଏତ ଅଭିମୁଖେ ଆସୁଥିବା ଦୁଇଟି ଇରାନୀ ମିସାଇଲ୍ ଲକ୍ଷ୍ୟଭ୍ରଷ୍ଟ ହୋଇ ଖସିପଡ଼ିଛି ଏବଂ ଆମେରିକା ସେନା କୁଏତରେ ନାଗରିକ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ସହ ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଇରାନର କ୍ୟୁଶମ ଦ୍ୱୀପ ଉପରେ ଜବାବୀ ଆକ୍ରମଣ କରିଛି। ଗତ ଫେବୃଆରୀ ୨୮ ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଇରାନ ପ୍ରତିଶୋଧ ସ୍ୱରୂପ ପାନାୟା ନାମକ ଏକ ଜାହାଜ ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରିଛି ଏବଂ ଆମେରିକା ପାଇଁ ହର୍ମୁଜ ପ୍ରଣାଳୀକୁ ଅଶାନ୍ତ କରିବା ଅତି ଭାରୀ ପଡ଼ିବ ବୋଲି ଚେତାବନୀ ଦେଇଛି। ୟୁଏଇର କୂଟନୈତିକ ପରାମର୍ଶଦାତା ଅନୱାର ଗାରଗାଶ ଏହି ବର୍ବର ଆକ୍ରମଣକୁ କଡ଼ା ନିନ୍ଦା କରି ସମଗ୍ର ଗଲ୍ଫ ଅଞ୍ଚଳକୁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି।

## ପୁରୀରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ

ପୁରୀ, ୩।୬: ବିପର୍ଯ୍ୟୟ ବିପତ୍ତିକୁ କିଭଳି ହ୍ରାସ କରାଯାଇପାରିବ ଏବଂ ଆଧୁନିକ ଜ୍ଞାନକୌଶଳ ଉପଯୋଗରେ ବିପର୍ଯ୍ୟୟ ବିପତ୍ତିକୁ କିପରି ମୁକାବିଲା କରିହେବ । ସେନେଇ ପୁରୀରେ ଆରମ୍ଭ ହୋଇଥିବା ତିନି ଦିନିଆ ବ୍ରିକ୍ସ ରାଷ୍ଟ୍ର ସମୂହ ସମ୍ମିଳନୀ ହେଉଛି ଆଲୋଚନା । ଏଥିରେ ବ୍ରିକ୍ସ ରାଷ୍ଟ୍ର ସମୂହର ଦେଶ ଗୁଡ଼ିକ ଯଥା ଚୀନ୍, ବ୍ରାଜିଲ, ଇଜିପଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ, ଦକ୍ଷିଣ ଆଫ୍ରିକା, ସାଉଦି ଆରବ ଏବଂ ୟୁଏଇ ର ବରିଷ୍ଠ ଅଧିକାରୀଙ୍କ ସହିତ ବୈଷୟିକ ବିଶେଷଜ୍ଞମାନେ ଏହି ସମ୍ମିଳନୀରେ ଯୋଗ ଦେଇ, ବ୍ରିକ୍ସ ରାଷ୍ଟ୍ର ସମୂହର ବିପର୍ଯ୍ୟୟ ବିପତ୍ତି ହ୍ରାସରେ ପରସ୍ପରକୁ ସହଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ବିପର୍ଯ୍ୟୟ ବିପତ୍ତି ହ୍ରାସ, ବିପର୍ଯ୍ୟୟ ବିପତ୍ତି ପରିଚାଳନା ପାଇଁ ପାଣ୍ଠି ଯୋଗାଣ, ଆଗୁଆ ସୂଚନା ପ୍ରଦାନ, ପ୍ରକୃତି ଆଧାରିତ ସମାଧାନ ଏବଂ ବିପର୍ଯ୍ୟୟ ସହନଶୀଳତାକୁ ମଜବୁତ କରିବା ପାଇଁ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବ୍ୟବହାର ଭଳି ପ୍ରମୁଖ ବିଷୟବସ୍ତୁ ଉପରେ ଆଲୋଚନା କରାଯାଉଛି ।ଓଡ଼ିଶାର ବିଶ୍ୱସ୍ତରରେ ସ୍ୱିକୃତିପ୍ରାପ୍ତ ବିପର୍ଯ୍ୟୟ ପ୍ରସ୍ତୁତି ପ୍ରଣାଳୀ, ବାତ୍ୟା ପରିଚାଳନାରେ ଶୂନ୍ୟ ମୃତ୍ୟୁ ହାରର ରେକର୍ଡ, ଆଗୁଆ ସୂଚନା ପ୍ରଦାନ, ସ୍ଥାନାନ୍ତରଣ ଯୋଜନା ଏବଂ ସମୁଦାୟ ଭିତ୍ତିକ ମୁକାବିଲା ବ୍ୟବସ୍ଥାକୁ ଦୃଷ୍ଟିରେ ରଖାଯାଇ ଓଡ଼ିଶାକୁ ଏହି ବୈଠକର ଆୟୋଜକ ରାଜ୍ୟ ଭାବେ ଚୟନ କରାଯାଇଛି ।କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ବ୍ରିକ୍ସ ରାଷ୍ଟ୍ର ସମୂହ ପ୍ରତିନିଧିମାନେ ପୁରୀ ରାମଚଣ୍ଡୀ ଠାରେ ଓଡ୍ରାଫ ଦ୍ୱାରା ଜଳ ଉଦ୍ଧାର ପ୍ରସ୍ତୁତି ଏବଂ ମୁକାବିଲାର ଏକ ପ୍ରଦର୍ଶନୀ ଦେଖିବେ । ସେହିପରି ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ପ୍ରସ୍ତୁତି ଏବଂ ପରିଚାଳନାର ଏକ ପ୍ରଦର୍ଶନୀ ମଧ୍ୟ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ




ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଏହି ପ୍ରତିନିଧିମାନେ ଉପସ୍ଥିତ ରହିବେ । ଏଥିସହିତ ବ୍ରିକ୍ସ ପ୍ରତିନିଧିମାନେ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ କୋଣାର୍କ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ସେପଟେ ବ୍ରିକ୍ସ ସମ୍ମିଳନୀକୁ ଦୃଷ୍ଟିରେ ରଖି ପୁରୀ ସହର ସମେତ କୋଣାର୍କରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବ୍ରିକ୍ସ ରାଷ୍ଟ୍ର ସମୂହର ଦେଶ ଗୁଡ଼ିକ ଯଥା ଚୀନ୍, ବ୍ରାଜିଲ, ଇଜିପଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ, ଦକ୍ଷିଣ ଆଫ୍ରିକା, ସାଉଦି ଆରବ ଏବଂ ୟୁଏଇ ର ବରିଷ୍ଠ ଅଧିକାରୀଙ୍କ ସହିତ ବୈଷୟିକ ବିଶେଷଜ୍ଞମାନେ ସମ୍ମିଳନୀରେ ଯୋଗ ଦେଇଛନ୍ତି । ବ୍ରିକ୍ସ ରାଷ୍ଟ୍ର ସମୂହର ଦେଶ ଗୁଡ଼ିକ ଯଥା ଚୀନ୍, ବ୍ରାଜିଲ, ଇଜିପଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ, ଦକ୍ଷିଣ ଆଫ୍ରିକା, ସାଉଦି ଆରବ ଏବଂ ୟୁଏଇ ର ବରିଷ୍ଠ ଅଧିକାରୀଙ୍କ ସହିତ ବୈଷୟିକ ବିଶେଷଜ୍ଞମାନେ ସମ୍ମିଳନୀରେ ଯୋଗ ଦେଇଛନ୍ତି ।

ବ୍ରିକ୍ସ ରାଷ୍ଟ୍ର ସମୂହ ସମ୍ମିଳନୀ କାର୍ଯ୍ୟକ୍ରମରେ ଆସନ୍ତାକାଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ର ସଦସ୍ୟ, ବିଭାଗୀୟ ମୁଖ୍ୟ, ଗୃହ ମନ୍ତ୍ରଣାଳୟ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ସାମିଲ୍? ହେବେ ।

## ମହଙ୍ଗା ମାଡ଼ରେ ଖାଉଟି ହନ୍ତସନ୍ତ

## ଆୟ ତୁଳନାରେ ବଢ଼ୁଛି ବ୍ୟୟ, ପରିବା କିଣିବାକୁ ଗ୍ରାହକଙ୍କ ପଛଘୁଞ୍ଚା

ଯାଜପୁର , ୩।୬(ଆନିସ) : ଦିନକୁ ଦିନ ବଢ଼ୁଥିବା ଦରଦାମ ସାଧାରଣ ଖାଉଟିଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ଜନସାଧାରଣଙ୍କ ଆୟ ଅନୁଯାୟୀ ବିଶେଷକରି ତୈଳଦର ବୃଦ୍ଧିର ପ୍ରଭାବ ପରିବହନ ବ୍ୟବସ୍ଥା ଉପରେ ପଡ଼ିଥିବାରୁ ପନିପରିବାଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶଛୁଆଁ ହୋଇଛି। ଏହାର



ବ୍ୟୟ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବାରୁ ମଧ୍ୟବିତ୍ତ ଶ୍ରେଣୀ ଆର୍ଥିକ ଚାପରେ ଦିନ କାଟୁଛନ୍ତି। ଧନୀଶ୍ରେଣୀର ଲୋକମାନେ କିଛି ପର୍ଯ୍ୟନ୍ତ ମହଙ୍ଗା ମାଡ଼ର ପ୍ରଭାବରୁ ରକ୍ଷା ପାଉଥିବା ବେଳେ ଗରିବ ଲୋକ ସରକାରୀ ସହାୟତା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ନିର୍ଭର କରି ଜୀବନ ନିର୍ବାହ କରୁଛନ୍ତି। ଅନ୍ୟପକ୍ଷରେ, ମଧ୍ୟବିତ୍ତ ପରିବାର ଗୁଡ଼ିକ ସବୁଠାରୁ ଅଧିକ ଆର୍ଥିକ ଚାପର ସମ୍ମୁଖୀନ ହେଉଛନ୍ତି।

ପରିବାରର ଆୟ ସେହି ଅନୁପାତରେ ବୃଦ୍ଧି ନପାଉଥିବା ବେଳେ ବିଭିନ୍ନ କର, ଜିଏସଟି ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଚାଲିଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସିଧାସଳଖ ପ୍ରଭାବ ଘରୋଇ ବଜେଟ ଉପରେ ପଡ଼ୁଥିବା ବେଳେ ଗୃହିଣୀମାନେ ହାଣ୍ଡିଶାଳର ଖର୍ଚ୍ଚକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଫଳରେ ଗ୍ରାହକମାନେ ଅନାବଶ୍ୟକ କ୍ରୟରୁ ଦୂରେଇ ରହିବା ସହ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାରେ ମଧ୍ୟ ସଂଯମ ପ୍ରଦର୍ଶନ କରୁଛନ୍ତି।

ସରକାର ବିଭିନ୍ନ ଯୋଜନା ଓ ପଦକ୍ଷେପ ମାଧ୍ୟମରେ ଜନସାଧାରଣଙ୍କ ସୁବିଧା ପାଇଁ କାର୍ଯ୍ୟ କରୁଥିବା ଦାବି କରୁଥିଲେ ମଧ୍ୟ ବଜାରରେ ପନିପରିବାର ଦରବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପରି ସ୍ଥିତି ସୃଷ୍ଟି ହୋଇଛି ଯେ, ଧାର୍ମିକ କାର୍ଯ୍ୟକ୍ରମ, ଭିକ୍ଷୁକ କିମ୍ବା ଯୋଗୀଙ୍କୁ ଦାନ କରିବା ପାଇଁ ମଧ୍ୟ ପନିପରିବା ଦେବା ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ହଜାରେ ଟଙ୍କା ଧରି ବଜାରକୁ ଯାଇଥିଲେ ମଧ୍ୟ ପୂର୍ବଭଳି ପରିବା ବ୍ୟାଗ ଭରି ଆଣିବା ସମ୍ଭବ ହେଉନାହିଁ ବୋଲି ଖାଉଟିମାନେ କହୁଛନ୍ତି।

ବର୍ତ୍ତମାନ ବଜାରରେ ଆଳୁ ୧୦ରୁ ୧୫ ଟଙ୍କା, ପିଆଜ ୨୦ରୁ ୩୫ ଟଙ୍କା, ବାଇଗଣ ୫୦ ଟଙ୍କା, ଟମାଟୋ ୫୦ ଟଙ୍କା, ଭେଣ୍ଡି ୫୦ ଟଙ୍କା, କଞ୍ଚାକଦଳୀ ୭୦ ଟଙ୍କା, ଶାଗ ବିଡ଼ା ୧୦ ଟଙ୍କା, ଜୁଡ଼ଙ୍ଗ ୭୦ ଟଙ୍କା, କଖାରୁ ୩୦ ଟଙ୍କା, କାଙ୍କଡ଼ ୫୦ ଟଙ୍କା, କଞ୍ଚା ଲଙ୍କା ୧୦୦ ଟଙ୍କା, ସାରୁ ୩୦ରୁ ୪୦ ଟଙ୍କା, ଖୁମ୍ବଆଳୁ ୬୦ ଟଙ୍କା, ବିନ୍ ୬୦ ଟଙ୍କା, କାକୁଡ଼ି ୫୦ ଟଙ୍କା ଏବଂ କଲରା ୧୦୦ ଟଙ୍କାରେ ବିକ୍ରି ହେଉଛି। ଫଳମୂଳର ଦର ମଧ୍ୟ ସାଧାରଣ ଖାଉଟିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ସେହିପରି ଉଷୁନା ଚାଉଳ ଓ ଅରୁଆ ଚାଉଳ କେଜି ପ୍ରତି ସର୍ବନିମ୍ନ ୪୦ ଟଙ୍କା ଥିବା ବେଳେ ସୋରିଷ ତେଲ, ରିଫାଇନ୍ ତେଲ, ସୁଜି, ମୁଗ ଡାଲି, ବୁଟ ଡାଲି, ବୁଟ, ମଟର, ଚିନି, ହରଡ଼ ଡାଲି, ଅଟା, ବେସନ, ଶୁଖିଲା ଲଙ୍କା ଓ ଲୁଣ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଆମିଷ ବଜାରର ଅବସ୍ଥା ମଧ୍ୟ କିଛି କମ୍ ନୁହେଁ। ଛେଳି ମାଂସ କେଜି ପ୍ରତି ୭୫୦ ଟଙ୍କା, ବ୍ରଏଲର କୁକୁଡ଼ା ୨୫୦ ଟଙ୍କା, ମାଛ ୨୦୦ ଟଙ୍କା, ଚିଙ୍ଗୁଡ଼ି ୬୦୦ ଟଙ୍କା, ଅଣ୍ଡା ପିଛା ୭ ଟଙ୍କା ଏବଂ କ୍ଷୀର ଲିଟର ପ୍ରତି ୬୫ରୁ ୭୦ ଟଙ୍କା ରହିଛି ବୋଲି ବଜାର ସୂତ୍ରରୁ ଜଣାପଡ଼ିଛି।

ଦରବୃଦ୍ଧିର ଏହି ଚିତ୍ର ଦେଖି ସାଧାରଣ ଲୋକଙ୍କ ମଧ୍ୟରେ "ଖାଇବେ କ'ଣ, ଚଳିବେ କେମିତି" ପ୍ରଶ୍ନ ଉଠୁଛି। ଦିନମଜୁରିଆ ଲୋକେ କଷ୍ଟେମଷ୍ଟେ ଜୀବନ ନିର୍ବାହ କରୁଥିବା ବେଳେ ମଧ୍ୟବିତ୍ତ ପରିବାରର ଅବସ୍ଥା ଅଧିକ ସଙ୍କଟଜନକ ହୋଇପଡ଼ିଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲୁଥିବା ସତ୍ତ୍ୱେ ଦରବୃଦ୍ଧି ନିୟନ୍ତ୍ରଣ ନେଇ ସାଧାରଣ ଲୋକଙ୍କ ଆଶା ଏପର୍ଯ୍ୟନ୍ତ ପୂରଣ ହୋଇନଥିବା ଚର୍ଚ୍ଚା ହେଉଛି। ବିଶେଷଜ୍ଞମାନଙ୍କ ମତରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ସ୍ଥିର ରଖିବା, ଯୋଗାଣ ବ୍ୟବସ୍ଥା ସୁଦୃଢ଼ କରିବା ଏବଂ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ତ୍ୱରିତ ଓ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ ସମୟର ଆବଶ୍ୟକତା ପାଲଟିଛି।

## ଆଉ ୧୨.୫% ଶୁଳ୍କ ଲଗାଇବ ଆମେରିକା

ନୂଆଦିଲ୍ଲୀ, ୩/୬: ଆମେରିକା ଆହୁରି ଶୁଳ୍କ ଲଗାଇବା ଧମକ ଦେଇଛି। ଭାରତ ସମେତ ୬୦ଟି ଦେଶ ଉପରେ ୧୨.୫ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲଗାଇବାକୁ ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆ) ପ୍ରସ୍ତାବ ଦେଇଛି। ବଳପୂର୍ବକ ଶ୍ରମ ଉପଯୋଗ କରି ସାମଗ୍ରୀ ପ୍ରସ୍ତୁତ କରୁଥିବା ଦେଶଗୁଡ଼ିକ ଉପରେ ଏହି ଟିକସ ଲାଗିବ। ଏହି ପ୍ରସ୍ତାବ ଆମେରିକା ବାଣିଜ୍ୟ ଆଇନ ୧୯୭୪ର ଧାରା ୩୦୧ ଅନୁଯାୟୀ ଦିଆଯାଇଛି। ଏହା ଆମେରିକା ସରକାରଙ୍କୁ ବିଦେଶୀ ନୀତି କିମ୍ବା ଅଭ୍ୟାସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାର ଦେଇଛି। ଏହି ଅଭ୍ୟାସକୁ ଆମେରିକୀୟ ବାଣିଜ୍ୟ ଓ ବାଣିଜ୍ୟିକ ସ୍ୱାର୍ଥ ପାଇଁ ଅନୁଚିତ କିମ୍ବା କ୍ଷତିକାରକ ବିଚାର କରାଯାଉଛି। ୟୁଏସ୍‌ଟିଆର କହିଛି ଯେ ୬୦ଟି ଦେଶର ନୀତି, କାର୍ଯ୍ୟ ଓ ଅଭ୍ୟାସ ଅଯୌକ୍ତିକ। କାରଣ ବାଧ୍ୟତାମୂଳକ ଶ୍ରମରେ ତିଆରି ଜିନିଷ ରୋକିବାକୁ ସେମାନେ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିନଥିଲେ। ସେମାନଙ୍କ ଅଭ୍ୟାସ ଆମେରିକୀୟ ବାଣିଜ୍ୟ ପ୍ରତି ପ୍ରତିବନ୍ଧକ ଓ ବୋଝ ଥିଲା। ଯେଉଁ ଦେଶଗୁଡ଼ିକ ବାଧ୍ୟତାମୂଳକ ଶ୍ରମ ସାମଗ୍ରୀକୁ ରୋକିବା ଲାଗି କିଛିଟା ପଦକ୍ଷେପ ଗ୍ରହଣ କରିଛନ୍ତି ସେମାନଙ୍କ ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲାଗିବ। ଅନ୍ୟ ସବୁ ଦେଶ ଉପରେ ୧୨.୫ ପ୍ରତିଶତର ଅତିରିକ୍ତ ଶୁଳ୍କ ଲାଗୁ କରାଯିବ। ଭାରତ ସେହି ୫୪ଟି ଦେଶ ମଧ୍ୟରେ ସାମିଲ ଅଛି ଯାହା ବଳପୂର୍ବକ ଶ୍ରମ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଆମଦାନିକୁ ନିଷିଦ୍ଧ କରିବା ଓ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଏହି ବର୍ଗରେ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ବାଂଲାଦେଶ, ବ୍ରାଜିଲ, ଚୀନ୍, ଜାପାନ, ଦକ୍ଷିଣ କୋରିଆ, ଶ୍ରୀଲଙ୍କା, ସ୍ୱିଜରଲ୍ୟାଣ୍ଡ, ତୁର୍କୀ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବ୍ରିଟେନ ଓ ଭିଏତନାମ ରହିଛନ୍ତି।

### କବିସୂର୍ଯ୍ୟନଗର ଥାନାରେ ହାଜତ ମୃତ୍ୟୁ ଘଟଣା....

## ପଥର ଖାଦନରୁ ଆରମ୍ଭ, ମୃତ୍ୟୁରେ ଶେଷ

### ଖଣି ଅଧିକାରୀଙ୍କ ସମ୍ପୃକ୍ତି ନେଇ ଜୋର ଚର୍ଚ୍ଚା

କବିସୂର୍ଯ୍ୟନଗର, ୩।୬ (ଆନିସ) : କବିସୂର୍ଯ୍ୟନଗର ଥାନାରେ ହାଜତ ମୃତ୍ୟୁ ଘଟଣାର ପଦାକୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ।ଦିନର ଘଟଣାକୁ ରାତିର ଘଟଣା ବୋଲି ଏତଲାରେ ଲେଖିଛନ୍ତି ପୋଲିସ ବାବୁ।ଯାହା ଖବର ଆସୁଛି ଭାଟଖାଲି ପାହାଡ଼ ରେ ମହିଳାଙ୍କୁ ଆକ୍ରମଣ କରାଯାଇଥିଲା,ଆକ୍ରମଣ ସମୟ ରେ ମହିଳାଙ୍କ ସ୍ୱାମୀ ଓ ପୁଅ ଆସି ମହିଳାଙ୍କୁ ଉଦ୍ଧାର କରିଥିଲେ। ସେ ସମୟର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରଲ ହେଉଛି। ତାପରେ ମନ ଗଢ଼ା କାହାଣୀକୁ ସତ କରିବାକୁ ସୁଶାନ୍ତକୁ ଥାନାକୁ ଆଣି ନିର୍ଯ୍ୟାତନା ଦିଆ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ହେଲେ ଏତଲାରେ ନଥିଲା ସୁଶାନ୍ତଙ୍କ ନାମ।ସେ ସମୟର ଫଟୋ ଓ କପି ଆମ ହାତରେ ଲାଗିଛି। ଏପଟେ ବାବୁ ଜଣକ ଟ୍ରେନିଂ ସମୟରେ କିମିତି ଥାନା ଇନଚାର୍ଜ ରହିଲେ ଆଉ ନିଜେ ଧଳା କାଗଜରେ ଏତଲା ଲେଖି ସୁଶାନ୍ତକୁ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଛି। ସେହିପରି ବାବୁଙ୍କ ସହ ସାଥି ହୋଇଥିଲେ ଖଣି ଅଧିକାରୀ। ପୋଲିସର କଳା କାରନାମା ପଦାକୁ ଆସିଥିଲେ ମଧ୍ୟ ପରଦା ଆଢୁଆଳରେ ରହିଛନ୍ତି ଖଣି ଅଧିକାରୀ।

କବିସୂର୍ଯ୍ୟନଗର ଥାନାରେ ଦିବ୍ୟାଙ୍ଗକୁ ପିଟି ପିଟି ହତ୍ୟା ଘଟଣା ରେ ଏବେ ନୂଆ ଚିତ୍ର ସାମନାକୁ ଆସିଛି। ଘଟଣାରେ ଖଣି ଅଧିକାରୀ ଙ୍କ ସମ୍ପୃକ୍ତ ନେଇ ଏବେ ଚର୍ଚ୍ଚା ଜୋର ଧରିଲାଣି। କିଏ ସେ ଖଣି ଅଧିକାରୀ ପୋଲିସ ସହ ପଥର ଖାଦାନକୁ ଯାଇ ମହିଳା ସହ ଝଗଡା କରିଥିଲେ। ଏମିତି ଏକ ଫଟୋ ଗତ କାଲି ଠାରୁ ସୋସିଆଲ ମିଡ଼ିଆରେ ଭାଇରଲ ହେବା ପରେ ଦିବ୍ୟାଙ୍ଗକୁ ପିଟି ପିଟି ମାରିବା ଘଟଣାରେ ଖଣି ଅଧିକାରୀଙ୍କ ସମ୍ପୃକ୍ତିକୁ ନେଇ ଏବେ ପ୍ରଶ୍ନ ଉଠିଲାଣି। ଘଟଣାର ତଦନ୍ତ କରୁଥିବା ବେଳେ ଖଣି ଅଧିକରୀଙ୍କ ଭାଇରଲ ଫଟୋକୁ ନେଇ ଖଣି ଅଧିକରୀଙ୍କୁ ତଦନ୍ତ ପରିସର ଭୁକ୍ତ କରିବାକୁ ଦାବି ଧରିଲାଣି। ମୁଣ୍ଡରେ ପଗଡି ଭିଡିଥିବା ଜଣକ ହେଉଛନ୍ତି ଖଣି ଅଧିକରୀ। ହେଲେ ଚଢ଼ାଉ କରିବାକୁ ଯାଇଥିବା ବାବୁ ଜଣକ ମୁଣ୍ଡରେ କାହିଁକି ପିଗଡି ଭିଡ଼ିଥିଲେ? ଜଣେ ଅଧିକାରୀ ଗୁଣ୍ଡଗିରି କରିବା ଦୃଶ୍ୟକୁ ନେଇ ବିଜେପି ସରକାର ରେ ସାଧାରଣ ଲୋକଙ୍କୁ ସରକାରୀ ବାବୁଙ୍କ ଆଚରଣ ପଦାରେ ପଡିଛି। ଟ୍ରେନିଂ ଆଇପିଏସ ଏବଂ ଖଣି ଅଧିକାରୀଙ୍କ ମିଳିତ ଉଦ୍ୟମରେ ଚାଲିଥିଲା ଆତଙ୍କରାଜ। ଗତ କିଛି ଦିନ ଧରି ଏମାନେ ତଦନ୍ତ ଓ ଚଢ଼ାଉ ନା ରେ ଚଳାଇ ଆସୁଥିଲେ ଗୁଣ୍ଡାରାଜ।

ରାଜସ୍ୱ ଆଦାୟ ନା ରେ ଲୁଟୁଥିଲେ ଓ ଲୋକଙ୍କୁ ପିଟୁଥିଲେ ବୋଲି ଲୋକେ ଏବେ ଅଭିଯୋଗ କଲେଣି।ହେଲେ କିଏ ସେ ଖଣି ଅଧିକାରୀ, କବିସୂର୍ଯ୍ୟନଗରରେ ଖଣି ବିଭାଗର କାର୍ଯ୍ୟାଳୟ କେଉଁଠି ବୋଲି ପ୍ରଶ୍ନ ଉଠୁଥିବା ବେଳେ ଭାଇରଲ ଫଟୋକୁ ନେଇ ଖଣି ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି ଧରିଲାଣି।ଅନ୍ୟ ପଟେ ମାନବାଧିକାର ଟିମ ଆସି କବିସୂର୍ଯ୍ୟନଗର ଥାନାର ସିସି ଟିଭି ଯାଞ୍ଚ କରି ୨୫ ତାରିଖରୁ ୩୧ ଯାଏଁ କେଉଁ କେଉଁ ଅଧିକାରୀ, କର୍ମଚାରୀ ଡ୍ୟୁଟି କରୁଥିଲେ ଯାଞ୍ଚ କରୁଛନ୍ତି, କବିସୂର୍ଯ୍ୟନଗର ଓ ଆସିକା ମେଡିକାଲ ଯାଇ ତଦନ୍ତ କରିବେ ବୋଲି ଜଣାଯାଇଛି। ଏ ସବୁ ତଦନ୍ତ ଚାଲିଥିଲେ ମଧ୍ୟ ମୃତକଙ୍କ ପରିବାର ଙ୍କୁ କଣ ମିଳିଲା କ୍ଷତି ପୂରଣ ସବୁ ଅନ୍ଧାର ରେ ରହିଗଲା, ୭୨ ଘଣ୍ଟା ପରେ ବି ସରକାରୀ ସାହାର୍ଯ୍ୟ ଘୋଷଣା ନହେବା ଲୋକଙ୍କ ସରକାରର ଲୋକ ମାରଣ ଘଟଣା ପଦାରେ ପଡିଛି। ଏହା କଣ ଡବଲ ଇଞ୍ଜିନ ସରକାରର ଆଚ୍ଛା ଦିନ କି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

# ସତ୍ୟପ୍ରିୟ ସାମଲ ଜିଲ୍ଲା କଂଗ୍ରେସ ସଙ୍ଗଠନ ଉପସଭାପତି

କେନ୍ଦ୍ରପଡ଼ା, ୩।୫ (ଆନିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ଉପସଭାପତି ଭାବରେ ବରିଷ୍ଠ କଂଗ୍ରେସ ଯୁବନେତା ସତ୍ୟପ୍ରିୟ ସାମଲଙ୍କୁ ନିଯୁକ୍ତି ଦିଆଯାଇଛି ସେ କଂଗ୍ରେସର ସମସ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏଥି ପାଇଁ ଶ୍ରୀସାମଲ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପ୍ରଦେଶ କଂଗ୍ରେସ କମିଟିର ସଂଗଠିନିକ ଉପସଭାପତି ସନ୍ତୋଷ ସିଂ ସାଲୁଜା, ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ବରୂପ ଦାସ ଓ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଡଃ ଦେବସ୍ମିତା ଶର୍ମାଙ୍କ ସମେତ ଜିଲ୍ଲା ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ।

# ଖୋର୍ଦ୍ଧାରୋଡ ଷ୍ଟେସନ ଇନଚାର୍ଜ ହେଲେ ଏଲ ଡ଼ି ମହାନ୍ତି, ସ୍ବାଗତ ଜଣାଇଲା ଶ୍ରମିକ କଂଗ୍ରେସ

ଜଟଣୀ, ୩।୬ (ଆନିସ): ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ଼ ଷ୍ଟେସନ ଇନଚାର୍ଜ ଭାବେ ଯୋଗଦେଲେ ଏଲ ଡ଼ି ମହାନ୍ତି, ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ବରେ ଏକ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧାରୋଡ ଷ୍ଟେସନ ରେ ପହଞ୍ଚି ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ ଓ ପୁଲତୋଡ଼ା ଦେଇ ସ୍ବାଗତ ଜଣାଇଥିଲେ କର୍ମଚାରୀଙ୍କ ପ୍ରତି ବିନା ଭେଦବାଦରେ କାର୍ଯ୍ୟକାରିବାକୁ ପରାମର୍ଶ ଦେଇଥିଲେ ପରେ ବର୍ତ୍ତମାନର ଷ୍ଟେସନ ଇନଚାର୍ଜ ଚିତ୍ତରଞ୍ଜନ ମହାପାତ୍ର ଓ ଅନ୍ୟ ସହକର୍ମୀ ମାନେ ଶ୍ରୀ ମହାନ୍ତି ଙ୍କୁ ପୁଷ୍ପଗୁଛ ଦେଇ ସ୍ବାଗତ କରିବା ସହିତ ସମସ୍ତ ଦାୟିତ୍ବ ହସ୍ତାନ୍ତର କରିଥିଲେ ଶ୍ରୀ ମହାନ୍ତି ଜଣେ ବରିଷ୍ଠ ଟାଣୁଆ ଶ୍ରମିକକଂଗ୍ରେସ ନେତା ଭାବେ ଆଖପାଖ ଅଞ୍ଚଳରେ ବେଶ ପରିଚିତ ରାଜଧର୍ମ ଆଗ, ସେଥିରେ କୌଣସି ସାଲିସ କରାଯିବନାହିଁ ସହିତ ଆଗାମୀ ଦିନରେ ଖୀର୍ଦ୍ଧାରୋଡ କୁ ଏକନମ୍ବର କରିବାପାଇଁ ଯେକୌଣସି ପଦକ୍ଷପ ଆବଶ୍ୟକ ଆପଣାଯିବ ବୋଲି ଶ୍ରୀ ମହାନ୍ତି କହିଥିଲେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ,. ଏମ ଜି କେ ରାଓ , ସଭାପତି ମୁସ୍ତାକ ଅଲ୍ଲୀ , ତ୍ରିଲୋଚନ ମହାନ୍ତି, ସୁନୀଲ ପରିଡା ସମେତ ବହୁ କର୍ମୀ ଯୋଗଦେଇଥିଲେ ।

# ଦଶମ ପରୀକ୍ଷାରେ କୃତିତ୍ୱ ୨୬ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ସମ୍ବର୍ଦ୍ଧିତ

ବାରିପଦା, ୩।୬ (ଆନିସ): ମୟୂରଭଞ୍ଜ ଜିଲ୍ଲାର ୨୬ ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦ମ ଶ୍ରେଣୀ ବାର୍ଷିକ ପରୀକ୍ଷା-୨୦୨୬ ରେ କୃତିତ୍ୱ ଅର୍ଜନ କରିଥିବା କେ.ଜି.ବି.ଭି. ଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଦୁଃଖବନ୍ଧୁ ନାୟକ, ବାରିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶ୍ରୀ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁଣ୍ଡୁଲିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ସିଂ, ଶ୍ରୀ ଶଶୀଧର ସିଂ, ଶ୍ରୀଯୁକ୍ତ ଗୌତମ ପାତ୍ର ଯୋଗ ଦେଇ କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କେ.ଜି.ବି.ଭି. ଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ, କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ । ନିଜ ଜୀବନରେ ଲକ୍ଷ ସ୍ଥିର କରିବା, ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଉଦ୍ୟମ ଜାରିରଖିବାକୁ ପଡିବ । ଅତିରିକ୍ତ ଜିଲ୍ଲାପାଳ ନିଜେ ଅଙ୍ଗେ ନିଭାଇଥିବା ବିଫଳତା ଓ ସଫଳତାର ମନ୍ତ୍ର ଛାତ୍ରୀମାନଙ୍କ ସହ ମତ ବିନିମୟ କରିଥିଲେ ।



କୃତି ଛାତ୍ରୀମାନେ ନିଜ ଜୀବନର ଲକ୍ଷ କଣ ପ୍ରକାଶ କରିଥିଲେ । ଉପଜିଲ୍ଲାପାଳ ମହୋଦୟା ଛାତ୍ରୀମାନେ ଗୁରୁଜନ ମାନଙ୍କୁ, ପିତାମାତାଙ୍କୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ ଯାହାଙ୍କ ମାର୍ଗଦର୍ଶନରେ ନିଜ ଭବିଷ୍ୟତ ଗଢିବାକୁ ସ୍ୱପ୍ନ ଦେଖିଛନ୍ତି ତାଙ୍କୁ କେବେବି ନଭୁଲିବାକୁ ପରାମର୍ଶ ଦେଇଥିଲେ । ମୟୂରଭଞ୍ଜ ଜିଲ୍ଲାର, ଓଡ଼ିଶାର ତଥା ଦେଶର ସେବା କରିବା ନିମନ୍ତେ ନିଜକୁ ସାମିଲ କରିବାକୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଭାରତର ରାଷ୍ଟ୍ରପତି ମହାମହିମ ଶ୍ରୀମତୀ ଦ୍ରୌପଦି ମୁର୍ମୁଙ୍କ ଇଚ୍ଛାମୁତାବକ ପାଣ୍ଠି ରୁ ୭୮ ଜଣ ଛାତ୍ରୀଙ୍କୁ (ପ୍ରତି କେ.ଜି.ବି.ଭି. ର ଦଶମ ବାର୍ଷିକ ପରୀକ୍ଷା-୨୦୨୬ ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ୩ ଜଣ ଛାତ୍ରୀଙ୍କୁ) ଟ.୧୦,୦୦୦/-(ଦଶ ହଜାର ଟଙ୍କା) ଲେଖାଏ ଅର୍ଥରାଶି ପ୍ରଦାନ କରାଗଲା । ଉକ୍ତ ଅର୍ଥରାଶି ଛାତ୍ରୀମାନେ ନିଜର ଉଚ୍ଚ ଶିକ୍ଷା ନିମନ୍ତେ ଖର୍ଚ୍ଚ କରିବେ । ମୋଟ ଟ.୭,୮୦,୦୦୦.୦୦ ଟଙ୍କା ୭୮ଜଣ କେ.ଜି.ବି.ଭି. ଛାତ୍ରୀଙ୍କ ଜମାଖାତାକୁ ପ୍ରେରଣ କରାଗଲା । ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ମହୋଦୟ ଡମି ଚେକ୍ ମାଧ୍ୟମରେ ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜ ଛାତ୍ରୀମାନଙ୍କ ଉତ୍ତରୋତ୍ତର କାମନା କରିବା ସହିତ ଭଲ ପାଠ ପଢିବା , ସୃଙ୍ଖଳିତ ଛାତ୍ରୀ ହେବା ସହିତ ଗୁଣବତୀ ହେବାକୁ ପରାମର୍ଶ ଦେଇଥିଲେ ।ଅନ୍ୟତମ ଅତିଥି ଭାବେ ଶ୍ରୀ ଶିଶିର ମୁଣ୍ଡୁଲିଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀ ବିନୋଦ ସିଂ ଓ ଶ୍ରୀ ଶଶୀଧର ସିଂ ସମ୍ବର୍ଦ୍ଧନା ସଭାରେ ଛାତ୍ରୀଙ୍କୁ ନିଜନିଜର ଶୁଭ ବାର୍ତ୍ତା ଦେବା ସହିତ ଉତ୍ତରୋତ୍ତର କାମନା କରିଥିଲେ । ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଜିଲ୍ଲାର ବାଳିକା ଶିକ୍ଷା ସଂଯୋଜକ ଶ୍ରୀ ପ୍ରଫୁଲ୍ଲ କୁମାର ବାରିକ ପରିଚାଳନା କରିଥିଲେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଗୌତମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମୋଟ ୭୮ ଜଣ କେ.ଜି.ବି.ଭି. ଛାତ୍ରୀ, ୨୬ ଜଣ ପ୍ରଧାନଶିକ୍ଷକ ଓ ୱାର୍ଡେନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସମଗ୍ର ଶିକ୍ଷା, ମୟୂରଭଞ୍ଜ ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# କାଲବେଲିଆ, ପୁରୁଲିଆ ଛଉ ଓ ମଣିପୁରୀ ନୃତ୍ୟରେ ହସିଲା ମହୋଦଧି

## ଜାତୀୟ ଲୋକମେଳା ଓ କୃଷି ମେଳାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



ପୁରୀ, ୩।୬ (ଆନିସ): ଆମ ଦେଶର ବିବିଧ ଲୋକକଳା, ଆଦିବାସୀ ପରମ୍ପରା ଏବଂ ଗ୍ରାମୀଣ ଭାରତର ସାଂସ୍କୃତିକ ଶକ୍ତିକୁ ସୁରକ୍ଷିତ ରଖିବା ନିମନ୍ତେ ଜାତୀୟ ଉତ୍ସବର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ।

ଶ୍ରୀକ୍ଷେତ୍ର ସୂଚନା, ପୁରୀ ପକ୍ଷରୁ ଆୟୋଜିତ ୨୪ତମ ଜାତୀୟ ଲୋକମେଳା ଏବଂ ୧୭ତମ ଜାତୀୟ କୃଷିମେଳାର ଦ୍ୱିତୀୟ ସନ୍ଧ୍ୟା ଆଜି ଗୋଲ୍ଡେନ ସି ବିଚ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଆୟୋଜକ ଙ୍କ ର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ ଯାହା ଆମ ଦେଶର ମହାନ ଲୋକ କଳା,ଲୋକ ସଂସ୍କୃତି ଓ କୃଷକ ମାନଙ୍କୁ ଅଧିକ କ୍ରିୟାଶୀଳ କରିବ ବୋଲି କହିଥିଲେ।

ସନ୍ଧ୍ୟାର ଔପଚାରିକ ଅଧିବେଶନ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ ଆରମ୍ଭ ହୋଇଥିଲା। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ ପରେ ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ଶ୍ରୀ ରାଜେଶ କୁମାର ମହାନ୍ତି ସଂସ୍ଥାର ଦୀର୍ଘଦିନର ସାଂସ୍କୃତିକ ଓ ସାମାଜିକ ଅବଦାନ ସମ୍ପର୍କରେ ମତ ରଖିଥିଲେ।

ଆଗାମୀ ରୌପ୍ୟ ଜୟନ୍ତୀ ଲୋକମେଳା ଉପଲକ୍ଷେ ଅତିଥି ମାନଙ୍କୁ ଗୁଆ ଓ ମହାପ୍ରସାଦ ନିମନ୍ତ୍ରଣ ପ୍ରଦାନ କରିଥିଲେ ମଧୁସୂଦନ ସିଂହାରୀ। ଜୟନ୍ତ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଓୟୁଏଟି ର ଡିନ୍ ନିରଞ୍ଜନ ପଣ୍ଡା, ଇଂଜିନିୟର ସୌମ୍ୟରଞ୍ଜନ ଦ୍ୱିବେଦୀ ଓ ମଧୁସୂଦନ ସିଂହାରୀ ଅତିଥିମାନେ ଲୋକମେଳା ଓ କୃଷିମେଳାର ଜାତୀୟ ଗୁରୁତ୍ୱ, ଆଦିବାସୀ ସଂସ୍କୃତିର ସଂରକ୍ଷଣ ଏବଂ କୃଷି ଜ୍ଞାନର ପ୍ରସାର କ୍ଷେତ୍ରରେ ଏହାର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ପ୍ରଶାସନିକ କମିଟି ଅଧ୍ୟକ୍ଷ ଡକ୍ଟର ବଦ୍ରି ମିଶ୍ର ଅତିଥିମାନଙ୍କୁ ସ୍ବାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ଦଳମାନଙ୍କୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପ୍ରାକ୍ତନ ପୌରପାଳ ଗୌରହରି ପ୍ରଧାନ,ସନ୍ତୋଷ କୁମାର ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ନାରାୟଣ ପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜକ କମିଟିର ସଭାପତି ଜୟନ୍ତ କୁମାର ଷଡଙ୍ଗୀ ତାଙ୍କ ଅଧ୍ୟକ୍ଷୀୟ ଭାଷଣରେ ଦେଶର ବିଭିନ୍ନ ସଂସ୍କୃତିକୁ ଏକ ମଞ୍ଚରେ ଆଣିବାରେ ଲୋକମେଳାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରବର୍ତ୍ତୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ଛାଉ ନୃତ୍ୟ, ଝାଡ଼ଖଣ୍ଡର ଝୁମୁର ଓ ସାନ୍ଥାଳୀ ନୃତ୍ୟ, ଛତିଶଗଡ଼ର ଧୁମୁସା ନୃତ୍ୟ, ମଣିପୁରର ମଣିପୁରୀ ନୃତ୍ୟ, ଗୁଜୁରାଟର ଡାଣ୍ଡିଆ ଓ ଲୋକନୃତ୍ୟ, ଜମ୍ମୁ-କାଶ୍ମୀରର ଲୋକନୃତ୍ୟ, ହରିୟାଣାର ଲୋକନୃତ୍ୟ, ଆସାମର ଲୋକନୃତ୍ୟ, ରାଜସ୍ଥାନର କାଳବେଲିଆ ଓ ଘୁମର ନୃତ୍ୟ, ଗୋଆର ଫୁଗଡ଼ି ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା ଏବଂ ଓଡ଼ିଶାର ଓଡ଼ିଶୀ ଓ ଲୋକନୃତ୍ୟ ବିଶେଷ ଆକର୍ଷଣ ସାଜିଥିଲା। ବିଭିନ୍ନ ରାଜ୍ୟର ରଙ୍ଗବେରଙ୍ଗ ପୋଷାକ, ଲୋକବାଦ୍ୟ ଓ ପାରମ୍ପରିକ ନୃତ୍ୟଶୈଳୀ ଦର୍ଶକମାନଙ୍କୁ ଭାରତର ବିବିଧ ସାଂସ୍କୃତିକ ଐତିହ୍ୟର ପରିଚୟ ଦେଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ରୋହ କୁମାର ସିଂହ , ଭବାନୀ ସାହୁ ଓ ରୀତେଶ ମହାନ୍ତି।

ସ୍ୱତନ୍ତ୍ର ଶିଶୁ ସାଂସ୍କୃତିକ ପର୍ବରେ ଗଣେଶ ବନ୍ଦନା, ଶିଶୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା। ଲୋକମେଳା ଓ କୃଷିମେଳାର ଏହି ଦ୍ୱିତୀୟ ସନ୍ଧ୍ୟା ଭାରତର ଏକତା, ବିବିଧତା ଏବଂ ଜନଜାତି ଓ ଲୋକ ସଂସ୍କୃତିର ସମୃଦ୍ଧ ପରମ୍ପରାର ଏକ ଜୀବନ୍ତ ଚିତ୍ର ପ୍ରଦର୍ଶନ କରିଥିଲା। ଆଗାମୀ ଦିନଗୁଡ଼ିକରେ ମଧ ବିଭିନ୍ନ ରାଜ୍ୟର କଳାକାର, ହସ୍ତଶିଳ୍ପୀ ଓ କୃଷି ଅନୁଷ୍ଠାନମାନଙ୍କ ଅଂଶଗ୍ରହଣରେ ମେଳା ଅଧିକ ଆକର୍ଷଣୀୟ ହେବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

# ଦିହୁଡିପୁରରେ ମୁଗ ମଣ୍ଡି ଉଦଘାଟିତ

ପଟ୍ଟାମୁଣ୍ଡାଇ,୩।୬ (ଆନିସ): ରାଜ୍ୟ ସରକାର କୃଷକ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରୁଥିବାରୁ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ଏଇ ପରିପ୍ରେକ୍ଷୀରେ ବଡ଼ ପଡା, ବଡ଼ମୋହନପୁର, ସାନ ଜରିଆ , ଅରଡ଼ପଲ୍ଲୀ ଓ ଦିହୁଡିପୁର ସମେତ ବିଭିନ୍ନ ପଂଚାୟତର କୃଷକ ମାନଙ୍କ କଲ୍ୟାଣ ପାଇଁ ଉପରୋକ୍ତ ପଂଚାୟତର କୃଷକମାନଙ୍କୁ ନେଇ ଗଠିତ ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ପକ୍ଷରୁ ଦିହୁଡିପୁର ପଂଚାୟତରେ ମୁଗ



ମଣ୍ଡି ଖୋଲା ଯାଇଛି ଏହି ଉପଲକ୍ଷେ ଆୟୋଜିତ ଉଦଘାଟନ ଉତ୍ସବରେ ଦିହୁଡିପୁର ସରପଞ୍ଚ ନରେଶ ମଲିକ, ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ନିର୍ଦ୍ଦେଶକ ପ୍ରାକ୍ତନ କ୍ୟାପଟେନ ବାଣୀଭୂଷଣ ନାୟକ, ପୂର୍ବତନ ନିରୀକ୍ଷକ ଶରତ ରାଉତ,ନିର୍ଦ୍ଦେଶକ ସୁକାନ୍ତ ରାଉତ,ତ୍ରିଲୋଚନ ସ୍ବାଇଁ ଗଣେଶ ନାୟକ, ବିଜୟ ଖଟୁଆ ଶାନ୍ତନୁ ଦୁଲାଳ ଜେନା ନିମାଇଁ ନାୟକ ନରହରି ମହାପାତ୍ର ଅନୁସୂୟା ସ୍ବାଇଁ ପୁଷ୍ପଲତା ଜେନାଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ସମ୍ମାନିତଅତିଥି ଭାବେ ଯୋଗ ଦେଇ କୃଷକମାନଙ୍କ ବିଭିନ୍ନ ସମସ୍ୟା,ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରି କୃଷକ ଉତ୍ପାଦକ ସଂସ୍ଥା ଦ୍ୱାରା ଖୋଲା ଯାଇଥିବା ମୁଗ ମଣ୍ଡିରେ ଉପଲବ୍ଧ ଉନ୍ନତମାନର ମୁଗ ବିହନ, ଧାନ ବିହନ ଓ ସାର ପ୍ରୟୋଗ କରି ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ଚାଷ କରି ଲାଭବାନ ହେବା ସହିତ ଆର୍ଥିକ ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ ଶେଷରେ ନିର୍ଦ୍ଦେଶକ ବାଣୀଭୂଷଣ ନାୟକ ଧନ୍ୟବାଦ ଦେଇଥିଲେ ଏହି ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଂଚାୟତର ଶତାଧିକ କୃଷକ ଯୋଗ ଦେଇଥିଲେ ।

## ଜେକେ ଡ୍ୟାନ୍ସ ଏକାଡେମୀ ଉଦଘାଟିତ

# ବସ୍ତି ଅଞ୍ଚଳର ଅନାଥ ପିଲାଙ୍କୁ ମାଗଣାରେ ଦିଆଯିବ ନୃତ୍ୟ ଓ କଳା ଶିକ୍ଷା

ବାରିପଦା, ୩।୬ (ଆନିସ): ବାରିପଦା ତକତପୁର ଠାରେ ଜେକେ ଡ୍ୟାନ୍ସ ଏକାଡେମୀ ଉଦଘାଟିତ ହୋଇ ଯାଇଛି। ଏହି ଏକାଡେମୀରେ ବସ୍ତି ଅଞ୍ଚଳର ଅନାଥ ପିଲାଙ୍କୁ ମାଗଣାରେ ନୃତ୍ୟ, ଚିତ୍ରକଳା ଏବଂ କରାଟେ ମାର୍ଶାଲ ଆର୍ଟ ଶିକ୍ଷା ପ୍ରଦାନ କରାଯିବା ସହିତ ସମସ୍ତ ବର୍ଗର ପିଲାମାନେ ଶିକ୍ଷା ଲାଭ କରି ପାରିବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଦିଲ୍ଲୀପ ପାତ୍ର କହିଛନ୍ତି। ସାମ୍ବାଦିକ ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବିଶିଷ୍ଟ ଅତିଥି ଭାବରେ ବାରିପଦା ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବରେ କାଉନସିଲର ଅନନ୍ତ ଦାସ, ଝାଡ଼ଖଣ୍ଡ ର ପ୍ରସିଦ୍ଧ ନୃତ୍ୟ କରିୟ ଗ୍ରାଫର ମାଷ୍ଟର ସାହିଲ ଏବଂ ଚିତ୍ର କଳା ତଥା କରାଟେ ପ୍ରଶିକ୍ଷକ ଆଶିଷ କୁମାର ଦେ ପ୍ରମୁଖ ଯୋଗଦେଇ ଜେକେ ଡ୍ୟାନ୍ସ ଏକାଡେମୀର ବସ୍ତି ଅଞ୍ଚଳର ଗରିବ ପିଲାଙ୍କୁ କଳା କ୍ଷେତ୍ରରେ ମାଗଣାରେ ପ୍ରଶିକ୍ଷଣ ପ୍ରଦାନ କରିବା ଭଳି ମହାନ ଚିନ୍ତାଧାରାକୁ ପ୍ରଶଂସା କରିବା ସହିତ ପିଲା ମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ଜେକେ ଡ୍ୟାନ୍ସ ଗ୍ରୁପର ପ୍ରତିଷ୍ଠାତା ଜଗା ରାଉତ ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସର ରେ ନଗରପାଳ ଶ୍ରୀ ମହାନ୍ତି ଉକ୍ତ ବସ୍ତିକୁ ଭଲ ରାସ୍ତା ଟିଏ ନ ଥିବାରୁ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ବହୁ କୁନିକୁନି ପିଲାଙ୍କ ସହିତ ଅଭିଭାବକ, ଏବଂ ସ୍ଥାନୀୟ ଜନତା ଯୋଗଦେଇଥିବା ବେଳେ, ନିର୍ଦ୍ଦେଶକ ଶ୍ରୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ପୁରୀ ଜିଲ୍ଲାରେ ମଦ ଦୋକାନ ନିଲାମ କାର୍ଯ୍ୟକ୍ରମ

ପୁରୀ, ୩।୫(ଆନିସ): ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ପୁରୀ ଜିଲ୍ଲାର ୫୪ ଗୋଟି ମଦ ଦୋକାନ ନିଲାମ ପାଇଁ ନିଲାମ ପ୍ରକ୍ରିୟା ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଉପସ୍ଥିତ ରହି ନିଲାମ ପ୍ରକ୍ରିୟା କୁ ଅନୁଧ୍ୟାନ କରିଥିଲେ।

ପରେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଙ୍କ ଅଧ୍ୟକ୍ଷତାରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।ଜିଲ୍ଲାର ମୋଟ ୫୪ଟି ମଦ ଦୋକାନ ପାଇଁ ୧୭୯୧ ଜଣ ଆବେଦନ କରିଥିଲେ।ଏଥିରେ ବିଦେଶୀ ମଦ ଦୋକାନ ୩୬ ଗୋଟି ପାଇଁ ୧୨୫୮ ଗୋଟି ଆବେଦନ ମିଳିଥିବା ବେଳେ ଓ ଦେଶୀ ମଦ ଦୋକାନ ୧୮ ଗୋଟି ପାଇଁ ୫୩୩ ଜଣ ଆବେଦନ କରିଥିଲେ। ଏହାକୁ ଲଟେରୀ ମାଧ୍ୟମରେ ଚୟନ କରାଯାଇଥିଲା।ଆବେଦନକାରୀ ଙ୍କ ଉପସ୍ଥିତିରେ ଟୋକନ ଗୁଡିକୁ ଏକ ଡବାରେ ପକାଯାଇ ଘଣ୍ଟା ଘଣ୍ଟି କରାଯାଇ ଅତିରିକ୍ତ ଜିଲ୍ଲାପାଳ ଆଖିରେ କଳା ପଟି ବାନ୍ଧି ଏହି ଡବାରୁ ଗୋଟିଏ ଗୋଟିଏ ଟୋକନ ଉଠାଇ ଲଟେରୀ ବିଜେତା ଙ୍କ କ୍ରମିକ ସଂଖ୍ୟା କୁ ଘୋଷଣା କରିଥିଲେ।ପରେ ସେହି କ୍ରମିକ ସଂଖ୍ୟା ର ନାମ ଧାରୀ ଙ୍କୁ ସଂପୃକ୍ତ ମଦ ଦୋକାନ ର ବିଜେତା ବୋଲି ଘୋଷଣା କରାଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ବନାଥ ପଣ୍ଡା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ସୂଚନା ବିଜ୍ଞାନ ଅଧିକାରୀ ଦୁର୍ଗା ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ ଓ ଅବକାରୀ କାର୍ଯ୍ୟାଳୟ ର ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।

# କନ୍ଧମାଳ ଜିଲ୍ଲା ବିଜେଡି ପକ୍ଷରୁ ବିଶାଳ ରାଲି ଓ ବିକ୍ଷୋଭ



ଫୁଲବାଣୀ,୩।୬ (ଆନିସ): କଂଧମାଳ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମହିଳା ମାନଙ୍କ ରାଲି ଅନୁଷ୍ଠିତ ହୋଇଥିଲା ପ୍ରବଳ ଖରା ଓ ଗରମ କୁ ଖାତିର ନ କରି ହଜାର ହଜାର ସଂଖ୍ୟାରେ ମହିଳା ଯୋଗ ଦେଇ ବି ଜେପି ସରକାର ବିରୁଦ୍ଧରେ ସ୍ଲୋଗାନ ଦେବା ସହ ଅପାରଗ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀ ତୁରନ୍ତ ଗାଦି ଛାଡ଼ିବା ପାଇଁ ଦାବୀ କରିଥିଲେ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଥିବା ଦର୍ଶାଯାଇଥିଲା ବିଜେଡି ସର୍ବଦା ଲୋକ ଙ୍କ ନ୍ୟାୟ ପ୍ରଦାନ ଓ ହକ ପାଇଁ ଲଢେଇ ଜାରି ରଖିବ ବୋଲି ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମ ନାଭ ବେହେରା, ପୁର୍ବତନ ମନ୍ତ୍ରୀ ବିଷ୍ଣୁ ପ୍ରିୟା ବେହେରା, ପୁର୍ବତନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, ପୁର୍ବତନ ବିଧାୟିକ ଅଙ୍ଗଦ କହଁର, ଦୁଗୁନି କହଁର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପୁନମ୍? କହଁର ଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ଏହି ରାଲୀ ମଦିକୁନ୍ଦା ଛକ ରୁ ବାହାରି ମୁଖ୍ୟ ରାସ୍ତା ଦେଇ ଜିଲାପାଳ ଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ପରେ ଏକ ସ୍ମାରକ ପତ୍ର ପ୍ରଦାନ କରଯାଇଥିଲା ଆଗରେ ପଂଚାୟତ ନିର୍ବାଚନ ଥିବାରୁ ବିଜେଡି ଦଳ କୁ ତୃଣ ମୂଳ ସ୍ତରରୁ ସଂଗଠିତ କରୁଥିବା ଦେଖାଯାଉଛି ଲୋକେ ମଧ୍ୟ ବହୁ ସଂଖ୍ୟାରେ ସମର୍ଥନ ଜଣାଉ ଥିବା ଦେଖିବକୁ ମିଳିଛି

# ବାରିପଦାରେ ଏସ୍ଆଇଆର ସଚେତନତା ରଥର ଶୁଭାରମ୍ଭ




ବାରିପଦା, ୩।୬ (ଆନିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)-୨୦୨୬ କାର୍ଯ୍ୟକ୍ରମକୁ ନେଇ ଜନସଚେତନତା ବୃଦ୍ଧି ଏବଂ ମତଦାତା ଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବାରିପଦା ଉପ-ଜିଲ୍ଲାପାଳ ତଥା ବାରିପଦା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀମତୀ କସ୍ତୁରୀ ପଣ୍ଡା ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅନ୍ତର୍ଗତ ଏକ ନିର୍ଭୁଲ, ଅଦ୍ୟତନ ଓ ସର୍ବସମାବେଶୀ ମତଦାତା ତାଲିକା ପ୍ରସ୍ତୁତି ପାଇଁ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ। ଏହି ଉଦ୍ଦେଶ୍ୟରେ ସଚେତନତା ରଥ ବାରିପଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ଓ ଗ୍ରାମାଞ୍ଚଳ ପରିଭ୍ରମଣ କରି ମତଦାତା ତାଲିକା ସଂଶୋଧନ ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବ। ରଥ ମାଧ୍ୟମରେ ମତଦାତା ତାଲିକାରେ ନାମ ସଂଯୋଜନ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତରଣ ସମ୍ପର୍କିତ ସୂଚନା ପ୍ରଚାର କରାଯିବା ସହିତ ମତଦାତାମାନଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ସହଯୋଗ ପାଇଁ ଉତ୍ସାହିତ କରାଯିବ। ଏହାସହ ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମରେ ସହଯୋଗ କରି ଏକ ନିର୍ଭୁଲ ଓ ବିଶ୍ୱସନୀୟ ମତଦାତା ତାଲିକା ପ୍ରସ୍ତୁତିରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଅନୁରୋଧ କରାଯାଇଛି।

# ରାମପୁର: ସିଆଳିନାଳି ଯୋଜନାବଦ୍ଧ ଆକ୍ରମଣ ଘଟଣାର ପର୍ଦ୍ଦାଫାସ : ୩ ଅଭିଯୁକ୍ତ କୋର୍ଟ ଚାଲାଣ: ମୁଖ୍ୟ ଆସାମୀ ଫେରାର୍

ପଣ୍ଡକିଟାଲ,୩।୬ (ଆନିସ): ଅନ୍ଧାରୀବାଞ୍ଜି ମୁଖ୍ୟ ରାସ୍ତା ସିଆଳିନାଳି ନିକଟରେ ଗତ ୦୯ ତାରିଖ ପ୍ରାୟ ୧୦ଟା ୪୫ରେ ହୋଇଥିବା ଏକ ଯୋଜନାବଦ୍ଧ ଆକ୍ରମଣର ପର୍ଦ୍ଦାଫାସ କରିବାରେ ରାମପୁର ପୁଲିସକୁ ବଡ଼ ସଫଳତା ମିଳିଛି ।ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ଘଟଣାର ୩ ଅଭିଯୁକ୍ତଙ୍କୁ ରାମପୁର ପୁଲିସ ଗିରଫ କରି ଗତ ୨୯ ତାରିଖ କୋର୍ଟ ଚାଲାଣ କରିଥିବା ବେଳେ ମାଷ୍ଟର ମାଇଣ୍ଡ୍ ନରେଶ ପ୍ରଧାନ ଫେରାର୍ ମାରିଛି।ସୂଚନାଯୋଗ୍ୟ ଏହି ଯେ ନରେଶ ପ୍ରଧାନ ସୁଲେଇ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ଇତିପୂର୍ବରୁ (ଗତ ୨୦୨୨ରୁ ୨୦୨୫ ମଧ୍ୟରେ)) ତା ନାମରେ ୪ଟି ସମ୍ବେଦନଶୀଳ ଅପରାଧିକ ମାମଲା ରହିଥିବା ରାମପୁର ପୁଲିସ୍ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି।କୋର୍ଟ ଚାଲାଣ କରାଯାଇଥିବା ଆସାମୀ ମାନଙ୍କ ମଧ୍ୟରେ ଅନ୍ଧାରିବାଞ୍ଜି ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ସ୍ବାମୀ ରମେଶ ସାହୁ,ପଣ୍ଡରାପାଲିର ପୂର୍ଣ୍ଣ ପଣ୍ଡା ଏବଂ ସୁଲେଇ ଗ୍ରାମର ଆଶିଷ ପଧାନ ରହିଛନ୍ତି।ତେବେ ଏଥରକୁ ମିଶାଇ ଉକ୍ତ ଦୁର୍ବୃତ୍ତମାନେ ଅମିତ ପାତ୍ର ଏବଂ ତାଙ୍କ ଭାଇଙ୍କୁ ଜୀବନରେ ମାରିଦେବାକୁ ୩ଥର ଆକ୍ରମଣ କରିଥିବା ସତ୍ତ୍ବେ ସୌଭାଗ୍ୟ ବଶତଃ ସେମାନେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି ।ତେବେ ଏହା ଉପରେ ଜନୈକ ଖବରକାଗଜ ପ୍ରତିନିଧି ଉଦ୍ଦେଶ୍ୟମୂଳକ ସମ୍ବାଦ ପ୍ରକାଶିତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ଜଣେ ସାମ୍ବାଦିକ ରହିଥିବା ଉଲ୍ଲେଖ କରିବା ପ୍ରସଙ୍ଗ ଉପରେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ଏହାର କଟୁ ସମାଲୋଚନା କରାଯିବା ସହ ଉକ୍ତ ଘଟଣାର ଦୁର୍ବୃତ୍ତମାନଙ୍କ ମଧ୍ୟରେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘର କୌଣସି ସାମ୍ବାଦିକ ନ ଥିବା ସ୍ପଷ୍ଟ କରି ଦିଆଯାଇଛି ।

## ଭତ୍ତା ଓ ପଞ୍ଚାୟତ ଟଙ୍କା ହେରଫେର ଅଭିଯୋଗରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରଫ

# ଚାକିରିରୁ ନିଲମ୍ବିତ କଲା ପ୍ରଶାସନ

ହିଞ୍ଜିଳିକାଟୁ,୩।୬ (ଆନିସ): ରାଜ୍ୟରେ ଗତ ୩ ମାସ ହେବ ହିତାଧିକାରୀମାନଙ୍କୁ ଭତ୍ତା ମିଳୁନି ଯାହାକୁ ନେଇ ବିଭିନ୍ନ ଜିଲ୍ଲାରୁ ଏହାର ଚିତ୍ର ଗଣମାଧ୍ୟମରେ ହେଉ ଅବା ସୋସିଆଲ ମିଡ଼ିଆରେ ସାମ୍ନାକୁ ଆସିଛି । ଏହା ଭିତରେ ସରକାରୀ ଫାଣ୍ଡିରୁ ଆସିଥିବା ଟଙ୍କା ପଞ୍ଚାୟତ କାମରେ ନାଲାଗି ଦିଗହରା ସାଜୁଛି ଯାହାର ହିସାବ ମଧ୍ୟ ମିଳିପାରୁନି । ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଦାରୁଭଦ୍ରା ଗ୍ରାମ ପଞ୍ଚାୟତରେ ଭତ୍ତା ଓ ସରକାରୀ ଫାଣ୍ଡିରୁ ଟଙ୍କା ହେରଫେର ଅଭିଯୋଗରେ ଦାରୁଭଦ୍ରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଙ୍ଗଳବାର ଦିନ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ଭଞ୍ଜନଗର ଥାନା ଅନ୍ତର୍ଗତ କବିରସାହି ଅଞ୍ଚଳର ମୂଳବାସିନ୍ଦା ତଥା ବର୍ତ୍ତମାନ ଦାରୁଭଦ୍ରା ଗ୍ରାମ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ରହିଥିବା ତ୍ରିଲୋଚନ ନାୟକ (୨୮) ।



ହିଞ୍ଜିଳିକାଟୁ ନିକଟ ସୋମପୁର୍ ଗ୍ରାମରେ ତ୍ରିଲୋଚନ ରହୁଥିବା ଭଡ଼ାଘରୁ ପୋଲିସ ବିଭିନ୍ନ ବ୍ୟାଙ୍କ ପାସ୍ ବୁକ୍ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ଦାରୁଭଦ୍ରା ଗ୍ରାମ ପଞ୍ଚାୟତକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ଆସୁଥିବା ଫାଣ୍ଡି ସହ ହିତାଧିକାରୀମାନଙ୍କ ଭତ୍ତା ଆବଣ୍ଟନରେ ଅନୀୟମିତତା ହେଉଥିବାର ଦୀର୍ଘଦିନ ଧରି ଅଭିଯୋଗ ହୋଇ ଆସୁଥିଲା। ପେଇଓ ନାୟକ ପଞ୍ଚାୟତରେ ମୃତ ହିତାଧିକାରୀଙ୍କ ସମେତ କୌଣସି କାରଣରୁ ହିତାଧିକାରୀଙ୍କୁ ବଣ୍ଟନ ହୋଇନଥିବା ଟଙ୍କା ବ୍ଲକ୍ କୁ ଫେରସ୍ତ କରିନଥିଲେ । ସେହି ପରି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ଫାଣ୍ଡିର ମଧ୍ୟ ଠିକ ହିସାବ ମିଳୁନଥିବାରୁ ସନ୍ଦେହ ଉପୁଜିଥିଲା । ବ୍ଲକ କର୍ତ୍ତୃପକ୍ଷ ପ୍ରାଥମିକ ତଦନ୍ତ କରି ଭତ୍ତା ଓ ଉନ୍ନୟନ କାର୍ଯ୍ୟ ବାବଦରେ ଆସିଥିବା ଫାଣ୍ଡିରୁ ୧୨.୩୦ ଲକ୍ଷ ଟଙ୍କା ହେରଫେର ହୋଇଥିବା ଆକଳନ କରିଥିଲେ । ତେବେ ଏ ନେଇ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡଙ୍ଗୀ ଗତ ୨୭ ତାରିଖ ରେ ହିଞ୍ଜିଳି ଥାନାରେ ଅଭିଯୋଗ ଦାଖଲ କରିଥିଲେ। ପୋଲିସ ଏହି ମାମଲାରେ କେସ ନଂ . ୩୫୯/୨୭ ରେ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଥିଲା । ତେବେ ମଙ୍ଗଳବାର ବ୍ଲକ୍ କାର୍ଯ୍ୟାଳୟ ପରିସର ରୁ ପିଇଓ ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତେବେ ଜିଲ୍ଲା ପ୍ରସାଶନ ପକ୍ଷରୁ ନାୟକଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ପଞ୍ଚାୟତରେ ସ୍ପେଶାଲ ଅଡିଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବିକାଶ ନାଁରେ ବିନାଶର ନଗ୍ନ ଚିତ୍ର

## କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜେସିବି ଲଗାଇ ଜଙ୍ଗଲ ଧ୍ୱଂସ

ଗଞ୍ଜାମ, ୩।୬ (ଆନିସ): ବିକାଶ ନାଁରେ ବିନାଶର ଆଉ ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ଅଧିନସ୍ଥ ପାଲୁର ଗଜପତି ନଗର-୩ ନିକଟ ଚାମୁଣ୍ଡା ମନ୍ଦିର ପଛପଟେ ପାହାଡ଼ ପାଦଦେଶ ତଥା ହୁମ୍ମା ରାଜସ୍ୱ ଅଧୀନରେ ଥିବା ଜଙ୍ଗଲ ଜମିକୁ ଜେସିବି ସାହାର୍ଯ୍ୟରେ ବଡ଼ ବଡ଼ ଗଛ କଟା ଯାଉଥିବା ଅଭିଯୋଗ ହୋଇଛି । ଦିନ ଦ୍ୱିପହର ଏବଂ ରାତି ଅଧିଆ ଜଙ୍ଗଲ ସଫା ଚାଲିଛି। ଜଙ୍ଗଲ ବିଭାଗ ଆଖିରେ ଅନ୍ଧ ପୋଟୁଳି । ତେବେ ଏହି ଜଙ୍ଗଲ କଟା ପଛରେ କାହାର ହାତ ଅଛି ଏନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଯେଉଁ ବ୍ୟକ୍ତିମାନେ ଜଙ୍ଗଲ ସଫା କରୁଛନ୍ତି ସେମାନେ ବହୁତ ବଡ଼ ପ୍ରଭାବଶାଳୀ ବ୍ୟକ୍ତି । ସେମାନେ ଜଙ୍ଗଲ ବିଭାଗକୁ ମଧ୍ୟ ଚାପ ପକାଇବା ଫଳରେ ଜଙ୍ଗଲ ବିଭାଗ କାର୍ଯ୍ୟାନୁଷ୍ଠାନ ନେବାକୁ ଆସୁନଥିବା ମତ ଦେଇଛନ୍ତି । ବେଆଇନ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ପରିବେଶବିତମାନେ ଏହାକୁ ବିରୋଧ କରୁଛନ୍ତି । ତଥାପି ଚେତୁନି ପ୍ରଶାସନ ।

ତେବେ ଯେଉଁ ବିଶାଳକାୟ ବୃକ୍ଷ କଟା ଯାଇଛି ସେହି ଗଛ ଗୁଡ଼ିକ ୧୫-୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି ।ଅନେକ ସରକାରୀ ଅନାବାଦୀ ଜମି ଥାଇ ମଧ୍ୟ ମାଫିଆମାନଙ୍କ ଏହି ଜଙ୍ଗଲ ଜମି ଉପରେ ଲୋଲୁପ ଦୃଷ୍ଟି ପଡିଛି । ଗୋଟିଏ ପଟେ ସରକାର ସବୁଜ ଓଡିଶା ନାରା ଦେଉଛନ୍ତି, ଅନ୍ୟପଟେ



ପଞ୍ଚାୟତ ସ୍ତରରେ ଜଙ୍ଗଲ କଟାଯାଉଛି। ସ୍ଥାନୀୟ ପଞ୍ଚାୟତର କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୫୦୦ ରୁ ଅଧିକ ଗଛ କଟାଗଲାଣି ବୋଲି ଚର୍ଚ୍ଚା ହେଉଛି । ଏହା କେଉଁ ପ୍ରକାର ବିକାଶ ବୋଲି ପରିବେଶବିତମାନେ ପ୍ରଶ୍ନ ଉଠାଇଛନ୍ତି ।ଜିଲ୍ଲାପାଳ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଜଙ୍ଗଲ କଟା ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶପ୍ରେମୀମାନେ ଦାବି କରିଛନ୍ତି।

## ମାଲକାନଗିରି ଜିଲ୍ଲାରେ ଏସଆଇଆର ୨୦୨୬ ଅଭିଯାନ

## ୮୫ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ଭୋଟରଙ୍କ ଘରେ ପହଞ୍ଚି ଫର୍ମ ପ୍ରଦାନ କଲେ ପ୍ରଶାସନିକ ଅଧିକାରୀ



ମାଲକାନଗିରି,୩।୬ (ଆନିସ):ଜିଲ୍ଲାରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ ଓ ସର୍ବବ୍ୟାପୀ କରିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନର ତୃତୀୟ ଦିବସରେ ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଜଣାଇ ସେମାନଙ୍କ ବାସଭବନରେ ନିର୍ବାଚନ ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯାଇଛି। ୮୫ ଏବଂ ୯୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ମତଦାତାମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୋଇ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିପାରିବେ, ସେଥିପାଇଁ ପ୍ରଶାସନ ସିଧାସଳଖ ସେମାନଙ୍କ ଘରେ ପହଞ୍ଚିଛି।

ମାଲକାନଗିରିର ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ବୁଥ ସ୍ତରୀୟ ଅଧିକାରୀମାନେ ବିଭିନ୍ନ ଗ୍ରାମ ପରିଦର୍ଶନ କରି ବରିଷ୍ଠ ଭୋଟରମାନଙ୍କୁ ଭେଟିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଗଣନା ଫର୍ମ ପ୍ରଦାନ କରିଛନ୍ତି। ବୟସାଧିକ୍ୟ କାରଣରୁ ମତଦାନ କେନ୍ଦ୍ରକୁ ଆସିବାକୁ ଅସମର୍ଥ ଥିବା ଏହି ବରିଷ୍ଠ ନାଗରିକମାନଙ୍କୁ ସମ୍ମାନର ସହ ସେମାନଙ୍କର ଅଧିକାର ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

ଏହି କ୍ରମରେ ମାଥିଲି ବ୍ଲକ ଅଧୀନସ୍ଥ ଅଟଲଗୁଡା ଗ୍ରାମରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଥିଲିର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତ୍ରକୋଣ୍ଡା ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀର ପାର୍ଟ ସଂଖ୍ୟା ୮୫ ଅନ୍ତର୍ଗତ ଅଟଲଗୁଡା ଗ୍ରାମରେ ବରିଷ୍ଠ ଭୋଟରମାନଙ୍କୁ ଚିହ୍ନଟ କରାଯାଇଥିଲା। ସେଠାରେ ୮୫ ବର୍ଷରୁ ଅଧିକ ବୟସ୍କ ଭୋଟରମାନଙ୍କୁ ସମ୍ମାନର ସହ ନିର୍ବାଚନୀ ପରିଗଣନା ଫର୍ମ ବିତରଣ କରାଯାଇଛି।

ଜିଲ୍ଲା ପ୍ରଶାସନର ଏହି ମହତ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଇଛି। ନିର୍ବାଚନ ପ୍ରକ୍ରିୟାରେ କେହି ଯେପରି ବାଦ୍? ନପଡ଼ିବେ ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ପାଖରେ ନିଜର ମତାଧିକାର ସାବ୍ୟସ୍ତ କରିବାର ସୁଯୋଗ ରହିବ, ତାହା ଏହି ଅଭିଯାନ ଜରିଆରେ ପ୍ରମାଣିତ ହୋଇଛି। ପ୍ରଶାସନିକ ଅଧିକାରୀମାନେ ବୃଦ୍ଧବୃଦ୍ଧାମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ନିର୍ବାଚନୀ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ, ଯାହା ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ସୃଷ୍ଟି କରିଛି।

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଉଛି ଯେ, ନିଜ ଅଞ୍ଚଳର କୌଣସି ଯୋଗ୍ୟ ବରିଷ୍ଠ କିମ୍ବା ଭିନ୍ନକ୍ଷମ ଭୋଟର ଯେପରି ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରୁ ବାଦ୍? ନପଡ଼ନ୍ତି, ସେଥିପ୍ରତି ସତର୍କ ରୁହନ୍ତୁ। ଯଦି ଆପଣଙ୍କ ପରିବାର କିମ୍ବା ପଡ଼ୋଶୀରେ କେହି ୮୫ ବର୍ଷରୁ ଅଧିକ ବୟସ୍କ ବା ଗୁରୁତର ଅସୁସ୍ଥ ମତଦାତା ଅଛନ୍ତି, ତେବେ ସେମାନଙ୍କ ନାମ ପଞ୍ଜୀକରଣ ଏବଂ ଘରୁ ମତଦାନ ସୁବିଧା ପାଇଁ ସ୍ଥାନୀୟ ବୁଥ ସ୍ତରୀୟ ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ। ଆପଣଙ୍କର ସହଯୋଗ ହିଁ ଏକ ସୁଦୃଢ଼ ଓ ସ୍ୱଚ୍ଛ ଗଣତନ୍ତ୍ର ଗଠନରେ ସହାୟକ ହେବ।

## ଶିକ୍ଷକ ମହାସଂଘର ସ୍ରଷ୍ଟା ଅବନୀ ବରାଳଙ୍କ ୯୨ତମ ଜୟନ୍ତୀ ପାଳନ

ବ୍ରହ୍ମପୁର,୩।୬ (ଆନିସ): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସ୍ରଷ୍ଟା ଅବନୀ ବରାଳଙ୍କ ୯୨ ତମ ଜନ୍ମ ଜୟନ୍ତୀ ଗଞ୍ଜାମ ଜିଲ୍ଲା ତରଫରୁ ସ୍ଥାନୀୟ ପ୍ରେମ ନଗର ସ୍ଥିତି ଓଷ୍ଟା କାର୍ଯାଳୟ ପରିସରରେ ପାଳିତ ହୋଇଯାଇଛି ।

ମହାସଙ୍ଘର ଜିଲ୍ଲା ସଭାପତି ଅଧ୍ୟାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ଅଶୋକ କୁମାର ଦଳେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ରୂପେ ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘର ଅଧ୍ୟକ୍ଷ, ବରିଷ୍ଠ ଶିକ୍ଷକ ନେତା କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶିକ୍ଷକ ମହାସଙ୍ଘର ଇତିହାସ, ଆନ୍ଦୋଳନ, ଦାବୀ ହାସଲର ଇତିବୃତ୍ତି ସହ ନୂତନ ଅନୁଦାନ ଆଇନ ପ୍ରଚଳନ, ସୁପ୍ରିମ କୋର୍ଟର ନିର୍ଦ୍ଦେଶ ପାଳନରେ ଟାଳଟୁଳ ନୀତି ସମ୍ବନ୍ଧରେ ବିବରଣୀ ପ୍ରଦାନ କରି ଶିକ୍ଷକ ମାନେ ଏକତା ଓ ସଂହତି ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ନେତା ରାଜେନ୍ଦ୍ର କୁମାର ପଣ୍ଡା, ସୋମନାଥ ସାହୁ, ପ୍ରାଧ୍ୟାପକ ପ୍ରଶାନ୍ତ ପାତ୍ର (୪୮୮ କଲେଜ ଶିକ୍ଷକ ସଂଘ ), ଅବସର ପ୍ରାପ୍ତ ଅଧ୍ୟକ୍ଷ ଲୋକନାଥ ପରିଡା, ଦିଲ୍ଲୀପ କୁମାର ତ୍ରିପାଠୀ, କୈଳାଶ ବେହେରା, ବିପ୍ର ଚରଣ ଚୌଧୁରୀ,ବଳରାମ ବାରିକ ପ୍ରମୁଖ ଯୋଗଦେଇ ଅବନୀ ବରାଳ ଙ୍କ ସ୍ମୃତି ଚାରଣ କରି ଶିକ୍ଷକ ମାନଙ୍କ ମଧ୍ୟରେ ଏକତା ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ । ଯୁଧିଷ୍ଠିର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାୟଗଡା ରେଳ ଡିଭିଜନରେ ୫ ଷ୍ଟେସନକୁ ସାମିଲ ଦାବି ନେଇ ପ୍ରସ୍ତୁତି ବୈଠକ

ମୁନିଗୁଡା,୩।୬(ଆନିସ): ଦହିଖାଲ, ମୁନିଗୁଡା, ଅମ୍ବାଦଳା, ବିଷମକଟକ ଏବଂ ଥେରୁବାଲି ରେଳ ଷ୍ଟେସନକୁ ନବଗଠିତ ରାୟଗଡା ରେଳ ଡିଭିଜନରେ ସାମିଲ କରିବା ଦାବିରେ ଅଂଚଳର ଉପଭୋକ୍ତା ଗୋଷ୍ଠୀର ପ୍ରସ୍ତୁତି ବୈଠକ ଅମ୍ବାଦଳାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅମ୍ବାଦଳା, ମୁନିଗୁଡା, ବିଷମକଟକ, ଥେରୁବାଲି ଓ ଦହିଖାଲ ଅଞ୍ଚଳର ଶତାଧିକ ସମାଜସେବୀ, ଆଇନଜୀବୀ, ସାମ୍ବାଦିକ ଏବଂ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ବୈଠକରେ ନୂତନ ରେଳ ଡିଭିଜନ ଭାବେ ରାୟଗଡାକୁ ଚୟନ କରାଯାଇଥିବାରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାଧୁବାଦ ଜଣାଯାଇଥିଲା। ସେହିପରି ରାୟଗଡା ଜିଲ୍ଲା ଅନ୍ତର୍ଗତ ଉକ୍ତ ପାଞ୍ଚଟି ଷ୍ଟେସନ ଅଞ୍ଚଳକୁ ମଧ୍ୟ ରାୟଗଡା ରେଳ ଡିଭିଜନରେ ସାମିଲ କରିବା ପାଇଁ ଆଗାମୀ ଦିନରେ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଏହି ଅଞ୍ଚଳଗୁଡିକ ସମ୍ବଲପୁର ରେଳ ଡିଭିଜନ ଅଧୀନରେ ରହିଥିବାରୁ ସାଧାରଣ ଯାତ୍ରୀ ଓ ରେଳ ଉପଭୋକ୍ତାମାନେ ବିଭିନ୍ନ ପ୍ରଶାସନିକ ଓ ସେବାଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଉକ୍ତ ବିଷୟ ବୈଠକରେ ଉଠିଥିଲା। ରାୟଗଡା ଡିଭିଜନରେ ସାମିଲ ହେଲେ ଯାତ୍ରୀ ସେବାର



ଉନ୍ନତି ସହ ଅଞ୍ଚଳର ରେଳ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେବ ବୋଲି ମତ ପ୍ରକାଶ ପାଇଥିଲା।

ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ପାଞ୍ଚଟି ଷ୍ଟେସନ ଅଞ୍ଚଳର ରେଳ ଉପଭୋକ୍ତାଙ୍କୁ ନେଇ ପର୍ଯ୍ୟାୟକ୍ରମେ ରେଳ ଅଧିକାରୀମାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ। ଯଦି ଦାବି ପୂରଣ ନହୁଏ, ତେବେ ଆଗାମୀ ଦିନରେ ଗଣଆନ୍ଦୋଳନ ସହ ରେଳ ଲାଇନ ଅବରୋଧ ଭଳି କଠୋର ପଦକ୍ଷେପ ନେବାକୁ ପଛାଇବେ ନାହିଁ ବୋଲି ସଭ୍ୟମାନେ ମତ ପ୍ରକାଶ କରିଥିଲେ।

## ଗଞ୍ଜାମରେ ହେବ ୧୫୦ କୋଟି ବ୍ୟୟରେ ଚାରିଧାମ ଦର୍ଶନ ପ୍ରକଳ୍ପ

## ନିର୍ମାଣ ପାଇଁ ସନ୍ତୋଷ ମାଁଙ୍କ ଠାରୁ ଆଜ୍ଞାମାଳ ନେଲେ

ଗଞ୍ଜାମ,୩।୬ (ଆନିସ): ଗଞ୍ଜାମ ସହର ନିକଟ ଜାତୀୟ ରାଜପଥ (୧୬) ପାର୍ଶ୍ୱ ଋଷିକୂଲ୍ୟା ନଦୀର କୂଳରେ ଅବସ୍ଥିତ ମା ସନ୍ତୋଷ ମନ୍ଦିର ନଅ ଏକର ପରିମିତ ଜମିରେ ପ୍ରତିଷ୍ଠାହେବ ଚାରିଧାମ ମନ୍ଦିର ।

ଏହାର ପ୍ରତିଷ୍ଠା ନେଇ ଚାରିଧାମ ଓଡିଶା ମନ୍ଦିର ପରିଚଳନା କମିଟି ତରଫରୁ ପ୍ରୟାସ ଆରମ୍ଭ ହୋଇଛି । ଏନେଇ ଆଜି ତାର ଛୋଟ ଶୁଭାରମ୍ଭ ସ୍ୱରୂପ ସନ୍ତୋଷୀ ମାଁଙ୍କ ଠାରୁ ଆଶ୍ରିର୍ବାଦ ଆଜ୍ଞା ମାଳ ନେଇଛନ୍ତି ଯାହା ଜିଲ୍ଲାରେ ପ୍ରଥମ ଥର ପାଇଁ ଏପରି ପ୍ରକଳ୍ପ ନିର୍ମାଣ ହେବ ।ଏନେଇ ଚାରିଧାମ ଓଡିଶା ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ କହିଛନ୍ତି, ଏହି ମନ୍ଦିର ପରିସରରେ ପାଖାପାଖି ନଅ ଏକର ଜମି ଅଛି ସରକାରଙ୍କୁ ଆଉ ୧୨ ଏକର ଜମି ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି । ୨୦ ରୁ ୨୫ ଏକର ଜମି ଉପରେ ଚାରିଧାମ ଯଥା ଜଗନାଥ ମନ୍ଦିର, ବଦ୍ରିନାଥ ମନ୍ଦିର, ରାମେଶ୍ୱର ମନ୍ଦିର, ଦ୍ୱାରିକାନାଥ ମନ୍ଦିର ପରି ଅବିକଳ ନିର୍ମାଣ କରାଯିବ । ଏହି ଚାରିଧାମ ମନ୍ଦିର ପ୍ରକଳ୍ପ ପ୍ରତିଷ୍ଠା ନିର୍ମାଣ ପାଇଁ ପାଖାପାଖି ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ନିର୍ମାଣ ପ୍ରକଳ୍ପ ସମ୍ପୂର୍ଣ ହେବା ପାଇଁ ପ୍ରାୟ ଆଠ ବର୍ଷ ଲାଗିବ ଆଜି ଆଜ୍ଞା ମାଳ ନିଆଯାଇଥିବା ବେଳେ ଖୁବ ଶୀଘ୍ର ଚଳିତ ବର୍ଷ ହିଁ ଭୂମି ପୂଜନ କରାଯାଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

ଏହାର ନିର୍ମାଣ ପାଇଁ ଓଡିଶା ସରକାର, ଭାରତ ସରକାର,ଓ ବିଭିନ୍ନ ଇଣ୍ଡୋଷ୍ଟ୍ରିଜ ସହଯୋଗ ଏବଂ ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଆ ସାହାଯ୍ୟ ଓ ସହଯୋଗ କରିବାକୁ ଆଗେଇ ଆସିଥିବା କହିଛନ୍ତି । ଏଥିସହ ସ୍ଥାନୀୟ ପ୍ରଶାସନ ଓ ଅଞ୍ଚଳ ବାସୀଙ୍କ ସହଯୋଗ ନିଆଯିବ ।

ଏହି ଚାରିଧାମ ମନ୍ଦିର ପ୍ରତିଷ୍ଠା ହେଲେ ବୟସ୍କ ଓ ଆର୍ଥିକ ଅନଗ୍ରସ ଲୋକ ଦର୍ଶନ କରିବା ପାଇଁ ସକ୍ଷମ ହେବ ଏଠାକୁ ଭକ୍ତ, ଯାତ୍ରୀ ଆସିବା ସହ ଭାରତ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇବ ।

## ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ

# ଛତ୍ରପୁର ଗସ୍ତ



ଛତ୍ରପୁର,୩।୬ (ଆନିସ): ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ବସନ୍ତ କୁମାର ପ୍ରଧାନ ଆଜି ଛତ୍ରପୁରସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ବ୍ରହ୍ମପୁରଠାରେ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଛତ୍ରପୁର ଗସ୍ତ ଥିଲା। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ସେ ବିଭିନ୍ନ ରେଜିଷ୍ଟର, କର୍ମଚାରୀ ବିବରଣୀ, ନଥିପତ୍ର ଏବଂ ଦୃଶ୍ୟ-ଶ୍ରାବ୍ୟ ଯନ୍ତ୍ରପାତି ଅନୁଧ୍ୟାନ କରିଥିଲେ। ଏଥିସହ ସୂଚନା କେନ୍ଦ୍ର ଓ ପାଠାଗାରରେ ଉପଲବ୍ଧ ଖବରକାଗଜ, ପତ୍ରିକା, ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ପ୍ରଗତି ପ୍ରବାହ ଏବଂ ଅନ୍ୟାନ୍ୟ ପୁସ୍ତକର ଷ୍ଟକ୍ ରେଜିଷ୍ଟର ମଧ୍ୟ ଯାଞ୍ଚ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟ ସଠିକ୍ ଓ ସୁଚାରୁରୂପେ ସମ୍ପାଦିତ ହେଉଥିବା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ସେ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ।

ଉପନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ରାଜସ୍ୱ ସହାୟକ ଜଗନ୍ନାଥ ବେହେରା, ରୂପଶ୍ରୀ କବି, ଗ୍ରନ୍ଥାଗାରିକ ଶ୍ୟାମଘନ ପାତ୍ର, ରଜାକ ହୁସେନ, ମମତା ମହାନ୍ତି, ରାମମୂର୍ତ୍ତି ଆଚାରୀ, ଭାଗ୍ୟଲକ୍ଷ୍ମୀ ପାତ୍ର ଏବଂ ବଳରାମ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମ ନିରାକରଣ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା

ରାୟଗଡ଼ା,୩।୬ (ଆନିସ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଓଡ଼ିଶା ସରକାରଙ୍କ ଶ୍ରମ ଓ ଇ.ଏସ.ଆଇ ବିଭାଗର ମିଳିତ ସହଯୋଗରେ ଆଜି ରାୟଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶିଶୁ ଶ୍ରମ ନିରାକରଣ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ‘‘ପ୍ରତ୍ୟେକ ଶିଶୁ ଶିଖୁ, ବଢ଼ୁ ଓ ସ୍ୱପ୍ନ ଦେଖୁ’’ ସ୍ଲୋଗାନକୁ ଆଧାର କରି ଆୟୋଜିତ ଏହି କର୍ମଶାଳାରେ ଶିଶୁ ଶ୍ରମ ନିରାକରଣ, ଶିଶୁ ଅଧିକାର ସୁରକ୍ଷା, ଶିକ୍ଷାର ଅଧିକାର ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟପଦ୍ଧତି ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମର ଆରମ୍ଭରେ ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଳକର୍ଣ୍ଣୀ ସ୍ୱାଗତ ଭାଷଣ ପ୍ରଦାନ କରି ଶିଶୁ ସୁରକ୍ଷା କ୍ଷେତ୍ରରେ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ରାୟଗଡ଼ ପରି ଆଦିବାସୀ ବହୁଳ ଜିଲ୍ଲାରେ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା ଓ ସାମଗ୍ରିକ ବିକାଶକୁ ପ୍ରଶାସନ ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା କହିଥିଲେ।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଓ.ଏସ.ସି.ପି.ସି.ଆର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର କହିଥିଲେ ଯେ ଶିଶୁ ଶ୍ରମ କେବଳ ଆଇନଗତ ଅପରାଧ ନୁହେଁ, ବରଂ ଏହା ଶିଶୁମାନଙ୍କ ଅଧିକାର ଓ ସ୍ୱପ୍ନ ପ୍ରତି ଏକ ଗୁରୁତର ଆଘାତ। ଯେଉଁ ସମାଜରେ ଶିଶୁମାନେ ନିର୍ଭୟରେ ଶିକ୍ଷା ଗ୍ରହଣ କରନ୍ତି ଏବଂ ନିଜ ପ୍ରତିଭାର ବିକାଶ କରନ୍ତି, ସେହି ସମାଜ ହିଁ ପ୍ରକୃତ ଅର୍ଥରେ ଏକ ବିକଶିତ ଓ ମାନବିକ ସମାଜ। ଦାରିଦ୍ର୍ୟ, ଅଶିକ୍ଷା, ନିଶାସକ୍ତି, ଭିକ୍ଷାବୃତ୍ତି ଏବଂ ଶିଶୁ ଚାଲାଣ ଭଳି କାରଣଗୁଡ଼ିକ ଶିଶୁ ଶ୍ରମ ବୃଦ୍ଧିରେ ସହାୟକ ହେଉଥିବା ବେଳେ ଏହାର ନିରାକରଣ ପାଇଁ ସମାଜର ସମସ୍ତ ସ୍ତରର ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି ସେ କହିଥିଲେ।



କର୍ମଶାଳାରେ ରାୟଗଡ଼ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରସାଦ ଯୋଗଦେଇ କିଶୋର ନ୍ୟାୟ ( ଜୁଭେନାଇଲ୍ ଜଷ୍ଟିସ୍) ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଶିଶୁ ଅଧିକାର ସୁରକ୍ଷା କେବଳ ଏକ ବିଭାଗର ଦାୟିତ୍ୱ ନୁହେଁ, ବରଂ ସମଗ୍ର ସମାଜର ଏକ ସାମୂହିକ ଦାୟିତ୍ୱ। ଶିଶୁ କଳାକାର ଏବଂ ଶିଶୁ ଶ୍ରମ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟ ସମ୍ପର୍କରେ ସେ ବିସ୍ତୃତ ଭାବେ ବୁଝାଇଥିଲେ। ଶିଶୁମାନେ ନିଜର ପ୍ରତିଭା, କଳା, ସଂସ୍କୃତି କିମ୍ବା କ୍ରୀଡ଼ା କ୍ଷେତ୍ରରେ ଅଂଶଗ୍ରହଣ କରିବା ତାଙ୍କର ସାମର୍ଥ୍ୟ ବିକାଶର ଅଂଶ, କିନ୍ତୁ ଯେକୌଣସି ପ୍ରକାରର ଶୋଷଣମୂଳକ କିମ୍ବା ବାଧ୍ୟତାମୂଳକ କାମ ଶିଶୁ ଶ୍ରମର ଅନ୍ତର୍ଗତ ବୋଲି ସେ ସ୍ପଷ୍ଟ କରିଥିଲେ।ଶିଶୁମାନଙ୍କ ପ୍ରତିଭାର ବିକାଶ ସହ ସେମାନଙ୍କ ଶିକ୍ଷା ଓ ସୁରକ୍ଷାକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ।

ବୈଷୟିକ ଅଧିବେଶନରେ ଓଡ଼ିଶା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନଏଲୟୁଓ)ର ପ୍ରଫେସର ବିରାଜ ସ୍ୱାଇଁ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬, ଓଡ଼ିଶା ନିୟମାବଳୀ-୨୦୧୭, କିଶୋର ନ୍ୟାୟ ଆଇନ-୨୦୧୫ ଏବଂ ଶିକ୍ଷାର ଅଧିକାର ଆଇନ-୨୦୦୯ ମଧ୍ୟରେ ଥିବା ସମ୍ପର୍କ ସମ୍ପର୍କରେ ଆଲୋଚନା କରିଥିଲେ। ସେ ଭାରତରେ ଶିଶୁ ଶ୍ରମ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ନୀତିଗତ ଏବଂ କାର୍ଯ୍ୟକ୍ରମଭିତ୍ତିକ ପଦକ୍ଷେପ, ଓଡ଼ିଶାରେ ଶିଶୁ ଶ୍ରମର ସ୍ଥିତି ଏବଂ ଆଇନର କାର୍ଯ୍ୟକାରିତା ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

ଏହି ଅବସରରେ ନ୍ୟାସନାଲ ଚାଇଲ୍ଡ ଲେବର ପ୍ରୋଜେକ୍ଟ (ଏନସିଏଲପି)ର ନୀତି, ରଣନୀତି ଓ କାର୍ଯ୍ୟାନ୍ୱୟନ, ଶିଶୁ ଶ୍ରମ ନିରାକରଣ ଦୃଷ୍ଟିକୋଣରୁ ଶିକ୍ଷାର ଅଧିକାର ଆଇନର ଭୂମିକା, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଏବଂ ଶ୍ରମ ବିଭାଗର ମିଳିତ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିଶୁ ଶ୍ରମିକଙ୍କ ଉଦ୍ଧାର, ରିପୋର୍ଟିଂ, ପୁନର୍ବାସ, ବିଭାଗୀୟ ସମନ୍ୱୟ ଓ କୌଶଳଗତ କାର୍ଯ୍ୟଯୋଜନା ପ୍ରସ୍ତୁତି ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଶେଷକରି ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରି ସେ କହିଥିଲେ ଯେ ଶିଶୁ ଶ୍ରମିକ କିମ୍ବା ଉଦ୍ଧାର ହୋଇଥିବା ଶିଶୁଙ୍କ ସମ୍ବାଦ ପ୍ରସାରଣ ସମୟରେ ସେମାନଙ୍କ ପରିଚୟ ଗୋପନ ରଖିବା ଅତ୍ୟନ୍ତ ଜରୁରୀ। ଶିଶୁଙ୍କ ଫଟୋ, ଭିଡିଓ କିମ୍ବା ଖବର ପ୍ରକାଶ ବେଳେ ମୁହଁକୁ ବ୍ଲର କରିବା କିମ୍ବା ପରିଚୟ ସ୍ପଷ୍ଟ ହେଉଥିବା ତଥ୍ୟକୁ ଗୋପନ ରଖିବା ଆଇନଗତ ଓ ନୈତିକ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ। ଶିଶୁଙ୍କ ମର୍ଯ୍ୟାଦା, ଗୋପନୀୟତା ଓ ଅଧିକାରର ସୁରକ୍ଷା ପାଇଁ ଦାୟିତ୍ୱଶୀଳ ସାମ୍ବାଦିକତାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ପ୍ରଶିକ୍ଷଣ ଅଧିବେଶନ ପରେ ଏକ ପ୍ରଶ୍ନୋତ୍ତର ଓ ପାରସ୍ପରିକ ଆଲୋଚନା ପର୍ବ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ରାୟଗଡ଼ା ଜିଲ୍ଲାର ସିଡିଓ-କମ୍-ଇଓ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ମତ ପ୍ରକାଶ କରି କହିଥିଲେ ଯେ, ଅନେକ ଅଞ୍ଚଳରେ ଛାତ୍ରାବାସ ସୁବିଧାର ଅଭାବ ଯୋଗୁଁ ଶିଶୁମାନେ ପାଠପଢ଼ା ଛାଡ଼ିଦେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ଶିଶୁ ଶ୍ରମରେ ନିୟୋଜିତ ହେଉଛନ୍ତି। ଏହି ପ୍ରସଙ୍ଗକୁ ମାନ୍ୟବର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର ଗୁରୁତ୍ୱର ସହ ନୋଟିସକୁ ନେଇଥିଲେ। ସେହିପରି ଶ୍ରୀ ଖେମୁଣ୍ଡୁ ରାମନାଗୁଡ଼ା ବ୍ଲକରେ କାର୍ଯ୍ୟକାରୀ ହୋଇଥିବା ‘ବ୍ରାଜିଲ୍ ମଡେଲ୍ ସୋଲାର ଲାଇବ୍ରେରୀ’ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ, ଯାହାକୁ ଶ୍ରୀମତୀ ପାତ୍ର ଉଚ୍ଚ ପ୍ରଶଂସା କରିଥିଲେ।

ଶେଷ ଅଧିବେଶନରେ ଓଏସସିପିସିଆର ସଦସ୍ୟା ଶ୍ରୀମତୀ ସୁଜାତା ନାୟକ ଶିଶୁ ଶ୍ରମ ନିରାକରଣ କ୍ଷେତ୍ରରେ ଅଧିକ ପ୍ରଭାବଶାଳୀ କାର୍ଯ୍ୟଯୋଜନା ପ୍ରସ୍ତୁତି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସୁଦୃଢ଼ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ।ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନବୀନ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କର୍ମଶାଳାରେ ଓ.ଏସ.ସି.ପି.ସି.ଆର ସଭ୍ୟ ଶ୍ରୀମତୀ କସ୍ତୁରୀ ମିଶ୍ର, ଶ୍ରୀମତୀ ମାନସ୍ମିତା ଖୁଣ୍ଟିଆ, ଶ୍ରୀମତୀ ସୁଜାତା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଯୋଗଦେଇ ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁ ଶ୍ରମ ମୁକ୍ତ ସମାଜ ଗଠନ ଦିଗରେ ନିଜ ମତାମତ ରଖିଥିଲେ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ସମାଜକୁ ମସାଜର ଜରୁରୀ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜର ଅସଲି ଶକ୍ତି ହେଉଛନ୍ତି ଭଲ ଲୋକ ଅର୍ଥାତ୍ ଯେଉଁମାନେ ସତ୍ୟ, ସଦାଚାର, ଦୟା ଓ କରୁଣା ଆଦି ମାନବୀୟ ଗୁଣାବଳୀରେ ସ୍ବୟଂ ଉଦ୍ଭାସିତ ତଥା ସେସବୁକୁ ଆପଣାର ଆଚରଣରେ ମଧ୍ୟ ସର୍ବଦା ଅନୁସରଣ କରିଥାନ୍ତି। କିନ୍ତୁ ଦୁଃଖର ବିଷୟ ହେଉଛି, ଯୁଗେ ଯୁଗେ ଏମିତି ଭଲ ଲୋକମାନେ ସମାଜରେ ଅବହେଳିତ, ନିଷ୍ପେସିତ ଓ ଅନ୍ୟାୟର ଶିକାର ହୋଇ ଆସୁଛନ୍ତି। ଏଣୁ ଆମ ସମାଜରେ ଲୋକବାଣୀ ପ୍ରଚଳିତ ଯେ : ସିଧା ଗଛ ହିଁ ହଣାଖାଏ ( ଅର୍ଥାତ୍ ଜଙ୍ଗଲରେ ବହୁତ ଗଛ ଥିଲେ ହେଁ ସିଧାସଳଖ ଭାବେ ଉପରକୁ ବଢିଯାଇଥିବା ଗଛଟିରୁ ଭଲ କାଠ ମିଳିବା ଫଳରେ, ତାକୁ ହିଁ କଟାଯାଏ) , ସୁଧାର ଗାଈର ବାଛୁରୀ ମରେ (ଭୋକିଲା ରହେ) ଇତ୍ୟାଦି । ମନୁଷ୍ୟର ସ୍ୱାର୍ଥ, ଈର୍ଷ୍ୟା, ଅହମ୍ ଓ ଲୋଭ ଏହି ପରିସ୍ଥିତିକୁ ଅଧିକ ଗମ୍ଭୀର ଓ ଗଭୀର କରି ଦିଏ ।

ଇତିହାସ ଦେଖିଲେ ଜାଣିବାକୁ ମିଳେ, ସତ କହିଥିବା ଲୋକମାନଙ୍କୁ ସଧାରଣତଃ ଦଣ୍ଡ ମିଳିଛି । ସକ୍ରେଟିସ୍ ଙ୍କୁ ସର୍ବସମକ୍ଷରେ ହେମ୍ ଲକ୍ ନାମକ ବିଷ ପାନ କରାଇ ମୃତ୍ୟୁ ଦଣ୍ଡ ଦିଆଯାଇଥିଲା , କାରଣ ସେ ସତ୍ୟ ଓ ନ୍ୟାୟକୁ ସମ୍ମାନ ଦେବାର ଶିକ୍ଷା ଦେଉଥିଲେ। ଭଗବାନ ଶ୍ରୀରାମ ( ସାରା ଜୀବନ କେତେ ବେଳେ ପିତୃସତ୍ୟ ତ କେତେବେଳେ ପ୍ରଜା ସନ୍ତୋଷ ନିମନ୍ତେ , ନିଜେ ଭୋଗିଥିଲେ ଅଶେଷ ମାନସିକ ଯନ୍ତ୍ରଣା ), ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ– ଏମାନଙ୍କ ଜୀବନରେ ମଧ୍ୟ ଅନେକ ଅନ୍ୟାୟ ଓ ପୀଡ଼ା ଦେଖାଯାଇଥିଲା । ସତ୍ୟ ଓ ଧର୍ମ ପରାୟଣ ଲୋକଙ୍କୁ ତଥାକଥିତ ପ୍ରତିଷ୍ଠିତ ବ୍ୟକ୍ତିମାନେ ଲୋକଦେଖାଣିଆ ଭାବରେ ସ୍ୱାଗତ କରନ୍ତି, କିନ୍ତୁ ସମାଜରେ ବାସ୍ତବ ଜୀବନରେ ସେମାନଙ୍କୁ ହିଁ ଅନେକ ଦୁଃଖ ଯାତନା ଦେଇଥାନ୍ତି।

ଆଜିର ସମାଜରେ ମଧ୍ୟ ଏହି ଚିତ୍ରରେ ବିଶେଷ ପରିବର୍ତ୍ତନ ଆସିନାହିଁ । ଯେଉଁମାନେ ନିଷ୍ପକ୍ଷ, ସତ୍ୟବାଦିତା ଆଦି ନୀତିରେ ଅଟଳ – ସେମାନେ ସର୍ବଦା ବିବାଦ, ବିରୋଧ ଓ ଅସୁବିଧାର ଚକ୍ରବ୍ୟୁହରେ ସନ୍ନିବିଷ୍ଟ ହୁଅନ୍ତି। କାରଣ ଭଲ ଲୋକଟିଏ ନିଜ ଆଖିଆଗରେ ଅନ୍ୟାୟକୁ ସହିପାରନ୍ତି ନାହିଁ, ଏବଂ ସମାଜ ଅନେକ ସମୟରେ ଅନ୍ୟାୟକୁ ସ୍ୱୀକାର କରି ଚୁପ୍ ହୋଇ ରହେ। ତେଣୁ ସତ୍ୟକୁ ପ୍ରକାଶ କରୁଥିବା ଲୋକ ହିଁ ବିରୋଧୀମାନଙ୍କ ଚକ୍ଷୁଶୂଳ ହୋଇ ପଡ଼ନ୍ତି।

ଆଉ ଏକ ଗଭୀର କାରଣ ହେଉଛି – ସ୍ୱାର୍ଥପରତା। ଯୁଗେ ଯୁଗେ ଦେଖିବାକୁ ମିଳେ, ଭଲ ଲୋକମାନେ ଆପଣା ସ୍ୱାର୍ଥ ପାଇଁ ଗୁରୁତ୍ବ ଦିଅନ୍ତି ନାହିଁ, ବିପରୀତ ପକ୍ଷରେ ସେମାନେ ନିଜ ଅନ୍ତର୍ନିଷ୍ଠାରେ ବିଶ୍ୱାସ କରନ୍ତି। ପ୍ରତିଷ୍ଠିତ ବ୍ୟକ୍ତିମାନେ ଆଜିକାଲି ସାମାଜିକ ପ୍ରଭାବ, ଧନ, ଶକ୍ତି ଆଦିର ପ୍ରଦର୍ଶନ କରିବା ନିମନ୍ତେ କେତେ ଯେ ତଳସ୍ତରକୁ ଖସି ଯାଇ ପାରନ୍ତି, ତାହା ଅନନୁଭବୀ ବ୍ୟକ୍ତିଟିଏ ସହଜରେ ବିଶ୍ବାସ କରିପାରିବ ନାହିଁ । ଉତ୍ତମ ଲୋକ ଏହି କୁତ୍ସିତ ପଥରେ ଚାଲନ୍ତି ନାହିଁ, ତେଣୁ ସମାଜର ଭୁଲ ମାନସିକତାର ଶିକାର ହେବା ସହ ଅବହେଳିତ ହୋଇ ରହନ୍ତି।

କିନ୍ତୁ ସତ୍ୟ ହେଉଛି, ସମୟ ଅବଶ୍ୟ ଭଲ ଲୋକଙ୍କୁ ଗୌରବ ଦେଇଥାଏ। ସେମାନେ ଅବହେଳିତ ଓ ନିଷ୍ପେସିତ ହେଲେ ମଧ୍ୟ ଇତିହାସ ସେମାନଙ୍କୁ ଉଚ୍ଚ ସ୍ଥାନ ଦେଇ ସମାଜର ପଥ ପ୍ରଦର୍ଶକର ମର୍ଯ୍ୟାଦା ଦେଇଥାଏ । ତେଣୁ ଭଲ ଲୋକର ମାର୍ଗ କଷ୍ଟପୂର୍ଣ୍ଣ ହେଲେ ମଧ୍ୟ ସେହିପଥ ହେଉଛି ସଠିକ୍, ଏବଂ ସମାଜର ଭବିଷ୍ୟତ ସୁଧାରିବାର ଏକମାତ୍ର ଆଶା।

ଚରମ ଭାବେ କହିବାକୁ ହେଲେ, ଯୁଗେ ଯୁଗେ ଭଲ ଲୋକ ନିଷ୍ପେସିତ ହେଲେ ସେମାନେ ହିଁ ସମାଜର ନ୍ୟାୟ, ନୀତି ଓ ଆଦର୍ଶର ମୂଳଭିତ୍ତି । ସେମାନଙ୍କ ତ୍ୟାଗ, ଧୈର୍ଯ୍ୟ ଓ ସତ୍ୟପରାୟଣତା ସମାଜକୁ ଆଲୋକମୟ କରି ନୂତନ ପୀଢ଼ିକୁ ସତ୍ ପଥରେ ଚାଲିବାକୁ ଦିଏ ପ୍ରେରଣା । ଜାତିର ଜନକ ଗାନ୍ଧୀଜୀ , ଉତ୍କଳ ମଣି ଗୋପବନ୍ଧୁ ( ଜନପ୍ରତିନିଧି ଭାବେ ମାସିକ ଦରମା ଓ ଭତ୍ତା ଗ୍ରହଣ ନ କରିବା ଯିଏ ପାଇଁ ଅନଶନ କରିଥିଲେ, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ) ଙ୍କ ଭଳି ମଣିଷମାନେ ନିଜ ଜୀବନରେ ଆଶାତୀତ ଯାତନା ସହିଛନ୍ତି କିନ୍ତୁ ପରିଶେଷରେ ସେମାନଙ୍କ ନୀତିକୁ ସମାଜ ଆଦରି ନେଇଛି , ନିଜକୁ କରିଛି ପରିବର୍ତ୍ତନ ଓ ସେମାନେ ହୋଇଛନ୍ତି ବିଜୟୀ ।

ସମାଜକୁ ନିରୀକ୍ଷଣ କଲେ ଜଣାଯାଏ ଏକବିଂଶ ଶତାବ୍ଦୀରେ ମଧ୍ୟ ଏପରିକି ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ମଧ୍ୟ ଜନ-ମାନସିକତାରେ ସତ୍ୟ, ନ୍ୟାୟ, ଧର୍ମ, ଦେଶପ୍ରେମ ଭଳି ଦିବ୍ୟ ମାନବୀୟ ଗୁଣାବଳୀ ପ୍ରତି ସୃଷ୍ଟି ହୋଇପାରି ନାହିଁ ଏକାନ୍ତ ଆନୁଗତ୍ୟ । ଅତଏବ ଏସବୁର ଉଦ୍ରେକ ନିମିତ୍ତ ଆବଶ୍ୟକ ଏକେତ ଜଣେ ମହାମାନବ (ଗାନ୍ଧୀ, ଗୋପବନ୍ଧୁଙ୍କ ଭଳି ), ଅବା ମହାଦାନବ ( ହିଟ୍ ଲର୍ ଙ୍କ ଭଳି ) କିମ୍ବା ଭଗବାନ ( ଶ୍ରୀ ରାମ , ଶ୍ରୀକୃଷ୍ଣ , ଯୀଶୁ ଖ୍ରୀଷ୍ଟ ଙ୍କ ଭଳି) ଙ୍କ ଅବତରଣ। ଅର୍ଥାତ୍ ଆମ ସମାଜକୁ ଜରୁରୀକାଳୀନ ଭିତ୍ତିରେ ମସାଜର ଜରୁରତ ପଡ଼ିଲାଣି।

**ଶ୍ରୀ ଶ୍ୟାମା ପ୍ରସାଦ ମିଶ୍ର,**
**କ୍ରମାଗତ ଭାବରେ ୨ୟ ଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ , ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଂଜନଗର , ଗଞ୍ଜାମ**

# ପିତା ପରମ ତପ

ପିତା ଜୀବନ ସମ୍ବଳ ଓ ଶକ୍ତିର ଉତ୍ସ। ସେହିଁ ସୃଷ୍ଟି ନିର୍ମାଣର ସ୍ପଷ୍ଟ ଅଭିବ୍ୟକ୍ତି। ବାଲ୍ୟୁତ ବେଳେ ଅଙ୍ଗୁଳି ଧରି ଚାଲିବା ଶିଖାଉଥିବା ମଣିଷଟି କେବେ କଷା, ପିତା ଓ କଟୁ ଲାଗିଥାନ୍ତି। ସେ ପାଳନ କର୍ତ୍ତା, ପୋଷଣ ଦାତା ସେ ପରିବାରର ଅନୁଶାସନ। ସ୍ନେହ ଶକ୍ତି କଠୋରତା ମଧ୍ୟରେ ସେ ହେଉଛନ୍ତି ପ୍ରେମର ପ୍ରଶାସନ।

ପିତା ଘର , ଖାଦ୍ୟ ଓ ବସ୍ତ୍ରର ଭଣ୍ଡାର। ଛୋଟ ଚଢ଼େଇଟିର ସେ ଅଟନ୍ତି ଖୋଲା ଗଗନ। ସେ ନିଜର ସ୍ନେହ ଆଦର ଅପ୍ରଦର୍ଶିତ ଭାବରେ ଜଣେ ନିର୍ବିକାର ଋଷି ,ଅନନ୍ତ ପ୍ରେମର ସାଗର। ତାଙ୍କ ପାଇଁ ଅପେକ୍ଷାର ସମସ୍ତ ସମୟ ଅମୂଲ୍ୟ। ପିତାଙ୍କ ଛାୟାରେ ସନ୍ତାନ ସନ୍ତତି ମାନଙ୍କର ସ୍ବପ୍ନର ରତ୍ନାକର ଅଜାଡି ହୋଇ ପଡ଼େ। ପିତାଙ୍କ ଅଦୃଶ୍ୟ ଆଶିଷ ବଳରେ ବଜାରର ସବୁ ଖେଳନା,କପଡା,ମିଠାଇ ନିଜର ଭଳି ପ୍ରତୀୟମାନ ହୁଅନ୍ତି। ପିତାଙ୍କ ପାଇଁ ପରିବାର ନାମକ ରଥରେ ସଶକ୍ତ ଘୋଡା ସହିସ ସର୍ବଦା ତୟାର। ପିତାଙ୍କ ପାଇଁ ମାଆ ମଥାରେ ସିନ୍ଦୁର ଦାଉ ଦାଉ ହୁଏ,ସାହସ ଦିଏ। ମାତାଙ୍କୁ ମହିମାନ୍ବିତ କରିବା ସ୍ବାଗତ ଯୋଗ୍ୟ ହେଲେ ପିତା ମଧ୍ୟ କୌଣସି ଗୁଣରେ ଊଣା ନୁହଁନ୍ତି।

ପିତା ପରମାତ୍ମାଙ୍କ ସ୍ଥାନରେ ଜଗତର ଆଶକ୍ତି ଓ ଗୃହସ୍ଥ ଆଶ୍ରମ ଜୀବନରେ ଉଚ୍ଚାସନର ଅଭିବ୍ୟକ୍ତି। ସେ ଭୀଷ୍ମଙ୍କର ପ୍ରତିଜ୍ଞା ଭଳି ଅଟଳ ଅଚିନ୍ତ୍ୟ ଓ ପ୍ରେରଣାଦାୟୀ।

ତେଣୁ ଶାସ୍ତ୍ରରେ କୁହା ଯାଇଛି–
ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମ ତପ
ପିତରୀ ପ୍ରୀତିମାପନ୍ନେ ପ୍ରିୟନ୍ତି ସର୍ବ ଦେବତା।

**ବିନୟ କିଶୋର ଦାଶ,**
**ଶିକ୍ଷକ, ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ**
**ଭୀମକେଲା, କଳାହାଣ୍ଡି**

# ପରିବେଶ ଓ ମାନବ

ପରିବେଶ ସୁରକ୍ଷା ବିନା ମାନବ ସମାଜ, ଜୀବଜନ୍ତୁ ତଥା ବୃକ୍ଷଲତା ର ସୁରକ୍ଷା ହୋଇପାରେନା। କାରଣ ଉନ୍ନତ ପରିବେଶ ଉପରେ ନିର୍ଭର କରେ ଆମର ସୁସ୍ଥ ଜୀବନ ଯାପନ। ପରିବେଶ ସୁରକ୍ଷା ର ପ୍ରତିକାର କରା ନ ଗଲେ ଏ ବିଶାଳ ପୃଥିବୀ ଏକ ପଙ୍ଗୁ ଅବସ୍ଥାରେ ପରିଣତ ହେବ। ଆମେ ପିଲାବେଳୁ ଯେଉଁ ଖରା ଶୀତ ବର୍ଷା ଅନୁଭବ କରି ଆସୁଥିଲେ ଏବେ ତାର ବିରାଟ ପରିବର୍ତନ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଜଳବାୟୁ ବିଶାରଦ ମାନେ ବର୍ତମାନର ମୌସୁମୀ ଚକ୍ରକୁ ବୁଝି ହେଉନାହିଁ ବୋଲି କହିଲେଣି। ଋତୁଚକ୍ର ର ପ୍ରଭାବରେ କେବେ ଅଧିକ ଗରମ ତ କେବେ ଅଧିକ ଥଣ୍ଡା ଅନୁଭୂତ ହେଲାଣି। କେବେ ବର୍ଷା ବନ୍ୟା ବିଭୀଷିକା ଘଟଉଛି ତ କେବେ ବାଦଲ ଫଟା ବର୍ଷାରେ ଜନଜୀବନ ଅସ୍ତ ବ୍ୟସ୍ତ।

ଆମେ ଜାଣୁ ଯେ ଆମ ଚତୁର୍ପାଶ୍ୱରେ ଘେରି ରହିଥିବା ପ୍ରକୃତିର ରୂପରେଖକୁ ଆମେ ପରିବେଶ ବୋଲି କହିଥାଉ। ପ୍ରକୃତିରେ ଚଳପ୍ରଚଳ କରୁଥିବା ପ୍ରାଣୀ, ସଜୀ, ଉଦ୍ଭିଦ ବୃକ୍ଷଲତା ଆଦି ପରସ୍ପର ନିର୍ଭରଶୀଳ। ଉଭୟ ଉଭୟଙ୍କର ପରିପୂରକ ହେଲେ ମଧ୍ୟ ଉଦ୍ଭିଦର ଉପାଦେୟତା ମାନବ ସମାଜ ପ୍ରତି ଏକ ବରଦାନ ସଦୃଶ। ଏହାର କ୍ଷତିରେ ମାନବ ସମାଜର କ୍ଷତି।

ମଣିଷ ନିଜର ସୁବିଧା ପାଇଁ ପ୍ରାକୃତିକ ଶକ୍ତି ଓ ସମ୍ପଦର ବିନିଯୋଗ କରି ପରିବେଶକୁ ଦୂଷିତ କରି ନିଜର ସୁବିଧା ମେଣ୍ଟାଏ ଫଳରେ ପରିବେଶ ଦୂଷିତ ହେବାରେ ଲାଗେ ଏବଂ ଏହି ଦୂଷିତୀକରଣ ମାନବ ସମାଜର ପ୍ରଭୂତ କ୍ଷତି ଘଟାଏ। ଅନୁସନ୍ଧାନ ରୁ ଜଣା ପଡିଛି ଯୋଉ ଦେଶ ଯେତେ ଶିଳ୍ପରେ ସମୃଦ୍ଧ ପରିବେଶ ମଧ୍ୟ ତାର ସେତିକି ଦୂଷିତ। ଜନସଂଖ୍ୟା ବୃଦ୍ଧି ହେତୁ ଆବଶ୍ୟକୀୟ ମୌଳିକ ସୁବିଧା ପୂରଣ କରିବାକୁ ଯାଇ ପରିବେଶକୁ ନଷ୍ଟ କରିଚାଲିଛି। ଆମେ ଜାଣି ରଖିବା ଦରକାର ଯେ ଆମର ସୁସ୍ଥ ଜୀବନ ଯାପନ ପ୍ରଣାଳୀ ନିର୍ଭର କରେ ପରିବେଶ ଉପରେ। ସୁତରାଂ ପରିବେଶ ଯେତିକି ଦୂଷିତ ହେବ ଆମ ଜୀବନ ଧାରଣ କରିବାର ଶକ୍ତି ମଧ୍ୟ ସେତିକି ଦୁର୍ବଳ ହେବ। ଏଣୁ ପରିବେଶ ର ସୁରକ୍ଷା ଆମର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ। ବର୍ଦ୍ଧିତ ଜନସଂଖ୍ୟା ହିଁ ପରିବେଶକୁ କଳୁଷିତ କରେ। ମଣିଷ ନିଜର ମୌଳିକ ସୁବିଧା ହାତେଇବା ପାଇଁ ପ୍ରତିଦିନ ହଜାର ହଜାର ଏକର ଜଙ୍ଗଲ ନଷ୍ଟ କରି ସେଠାରେ କଳକାରଖାନା, ରାସ୍ତା, ଆପାର୍ଟମେଣ୍ଟ ତିଆରି କରି ପରିବେଶ ଦୂଷିତ କରୁଛି। କଳ କାରଖାନା ରୁ ନିର୍ଗତ ଦୂଷିତ ପଦାର୍ଥ ତଥା ବାୟୁ ପରିବେଶ କୁ ଦୂଷିତ କରିବାରେ ଲାଗିଛି ଫଳରେ ମଣିଷ ନିଜେ ହିଁ ରୋଗଗ୍ରସ୍ଥ ହୋଇ ଶୁଦ୍ଧ ନିର୍ମଳ ବାୟୁ ନ ପାଇଁ ନିଜେ ମୃତ୍ୟୁ ମୁଖରେ ପଡୁଛି ତେଣୁ ଏହାର ପ୍ରତିକାର ପାଇଁ ବହୁ ପରିମାଣରର ବୃକ୍ଷରୋପଣ ଆବଶ୍ୟକତା ରହିଛି। ବିଜ୍ଞାନ ମଣିଷର ବରଦାନ ସତ ହେଲେ ବିଭିନ୍ନ ପରୀକ୍ଷାରୁ ନିର୍ଗତ କ୍ଷତିକାରକ ବାଷ୍ପ ଆମ ପରିବେଶକୁ କଳୁଷିତ କରୁଛି। କୃଷିର ଉନ୍ନତି ସାଧନ କରିବା ପାଇଁ କୀଟନାଶକ ଔଷଧ, ରସାୟନ ସାର ବ୍ୟବହାର ଦ୍ୱାରା ପରିବେଶ ଦୂଷିତ ହେବାରେ ଲାଗିଛି। ଯାନବାହାନ ରୁ ନିର୍ଗତ ଦୂଷିତ ଓ ବିଷାକ୍ତ ବାଷ୍ପରେ ବାୟୁମଣ୍ଡଳ ଦୂଷିତ ହେବାରେ ଲାଗିଛି। ବାୟୁ ପଥରେ ହଜାର ହଜାର ଯାନର ଚଳପ୍ରଚଳ ହେଉଛି ଫଳରେ ମହାଶୁନ୍ୟରେ ମଧ୍ୟ ଏହାଦ୍ୱାରା ବିଷାକ୍ତ ବାଷ୍ପ ପୂରୀ ରହିଛି। ଜଙ୍ଗଲ ଧ୍ବଂସ ଦ୍ୱାରା ମୃତ୍ତିକା କ୍ଷୟ ମଧ୍ୟ ଘଟୁଛି ଏବଂ ଯେଉଁ ପରିମାଣରେ ଅବାଧ ଗଛ କଟାଯାଉଛି ସେହି ପରିମାଣରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଉନଥିବାରୁ ପରିବେଶ ଉପରେ ଏହାର ପ୍ରଭାବ ପଡୁଛି।

ଆଜି ଆମେ ପରିବେଶ ରେ ବାସ କରି ମଧ୍ୟ ଜଳବିହୀନ ମତ୍ସ୍ୟ ସଦୃଶ ନିଜକୁ ବଞ୍ଚାଇବାରେ ବ୍ୟସ୍ତ ହୋଇପଡୁଛୁ ଫଳରେ କର୍କଟ ଭଳି ମାରାତ୍ମକ ରୋଗ ସମାଜକୁ ମାଡି ବସିଲାଣି। ଏହି କିଛି ବର୍ଷ ତଳେ କରୋନା ର ପ୍ରଭାବରେ ଅନେକ ଧନ ଜୀବନ ନଷ୍ଟ ହୋଇଛି। ଶୁଦ୍ଧ ବାୟୁ ତଥା ଅମ୍ଳଜାନ ର ଅଭାବରେ ହଜାର ହଜାର ଜୀବନ ଆଖି ଆଗରେ ଛଟ ପଟ ହୋଇ ଚାଲିଯାଇଛି ।

କାହା ସଂସାର, ପରିବାର, ବେପାର ସବୁ ଉଜାଡ଼ି ଦେଇଛି ନିମିଷକରେ ଏଥିରୁ ଆମେ ଶିକ୍ଷା କରିଥିଲେ ଦୁଇଟି ମହାଶିକ୍ଷା ସ୍ୱଛତା ଓ ସୁସ୍ଥତା। ଆଜିର ପରିବେଶ ଅସନ୍ତୁଳନ ପାଇଁ ମଣିଷ ଓ ସଭ୍ୟତା ହିଁ ଦାୟୀ। ମଣିଷ ଆଜି ସ୍ୱସ୍ଥାନ ରେ ନାହିଁ କି ସୁସ୍ଥତାରେ ବି ନାହିଁ। ଆଧୁନିକତା ର ଦ୍ୱାହୀ ଦେଇ ନିଜ ଜନ୍ମସ୍ଥାନ କୁ ଭୁଲିଯାଇଛି, ମା ବାପାକୁ ପାଶୋରି ଦେଇଛି ପ୍ରକୃତିକୁ ବିକୃତ କରି ନିଜ ସୁବିଧା ହାସିଲ କରି ବାହାବା ନେଉଛି। ପ୍ରକୃତିର ଶସ୍ୟ ଶ୍ୟାମଳ ସବୁଜିମା ଘେରା ବିଲ ବନକୁ ଛାଡି କଂକ୍ରିଟ ଜଙ୍ଗଲ ତିଆରୁଛି। ମୁକ୍ତ ବାତାବରଣ ର ଫୁଲକୁଣ୍ଡକୁ ଭୁଲି ଘର ଭିତରେ ସେ ସୌନ୍ଦର୍ଯ୍ୟ କୁ ଉପଭୋଗ କରିବାକୁ ଚାହୁଁଛି। ସବୁଜ ଗୃହର ବାଷ୍ପର ପରିମାଣ ବୃଦ୍ଧି ପାଇ ପୃଥିବୀର ତାପମାତ୍ରା ବୃଦ୍ଧି ପାଇଲାଣି। ସମୁଦ୍ର ପତ୍ତନର ଉଚ୍ଚତା ବୃଦ୍ଧି ପାଇ ଉପକୂଳ ଜଳମଗ୍ନ କଲାଣି.। କେବେ ବାତ୍ୟା, ଝଡ଼, ବନ୍ୟା, ସୁନାମି, ଭୂମିକମ୍ପ, କାଳ ବୈଶାଖୀ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ପୃଥିବୀ ପୃଷ୍ଠରେ ଆତଙ୍କ ସୃଷ୍ଟି କଲାଣି। କେବେ କମ ବର୍ଷା ମରୁଡ଼ି ସୃଷ୍ଟି କଲାଣି। ପୃଥିବୀର ପାଣିପାଗ ବଦଳିବା ଦ୍ୱାରା ଗଛଲତା କୀଟପତଙ୍ଗମାନଙ୍କ ସଂଖ୍ୟା ଓ ବିବିଧତାର ବ୍ୟାପକ ପରିବର୍ତ୍ତନ ହେବା ଦ୍ୱାରା ଅନେକ ଜୀବଜନ୍ତୁ ଓ ଉଦ୍ଭିଦ ଭୂପୃଷ୍ଠରୁ ଲୋପ ପାଇବେ। କାଠ ଓ କୋଇଲାର ଗ୍ୟାସ ଯୋଗୁଁ ବାୟୁମଣ୍ଡଳ ରେ ଅଙ୍ଗାରକାମ୍ଳ, କାର୍ବନ ମନୋକସାଇଡ, ନାଇଟ୍ରସ ଅକ୍ସାଇଡ ର ମାତ୍ରା ବୃଦ୍ଧି, କୋଇଲା ଖଣି, ଅସଂଖ୍ୟ ପାଇପ ଲାଇନ ଓ ଆବର୍ଜନା ପରିବେଶରୁ ନିର୍ଗତ ମିଥେନ ଗ୍ୟାସର ପରିମାଣ ବୃଦ୍ଧି ଓ ଶୀତ ତାପ ନିୟନ୍ତ୍ରଣକାରୀ ଯନ୍ତ୍ର ର ବ୍ୟବହାର ଓ ସେଥିରୁ ନିର୍ଗତ କାର୍ବନ ର ମାତ୍ରା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳରେ ଅଘଟଣ ଘଟିବାର ସମ୍ଭାବନା ଥାଏ, ଚର୍ମ କର୍କଟ ଭଳି ରୋଗର ବୃଦ୍ଧି ହୁଏ। ଜଙ୍ଗଲ ନଷ୍ଟ ମୃତ୍ତିକା କ୍ଷୟ, ନଦୀ ଶଯ୍ୟା ପୋତି ହେଲା ପରେ ବନ୍ୟାର ପ୍ରକୋପ ବଢ଼େ, ଜଳବାୟୁ ପରିବର୍ତ୍ତନ ଘଟି ବୃଷ୍ଟି ହ୍ରାସ ହୁଏ, ଭୂ ତଳ ଜଳସ୍ତର କମେ ତେଣୁ ବିଭିନ୍ନ ଆଲୋଚନା ପାଠ୍ୟ ଚକ୍ର, ବିଜ୍ଞାନ ପଦଯାତ୍ରା ମାଧ୍ୟମରେ ଜଳ ସଚେତନତା ବୃଦ୍ଧି କରାଯାଇଛି। ଏଥି ସହିତ ବନମହୋତ୍ସବ, ବୃକ୍ଷରୋପଣ, ପରିବେଶ ସଚେତନ କାର୍ଯ୍ୟକ୍ରମ ପାଳନ କରାଯାଉଛି।

ପ୍ରତିବର୍ଷ ଜୁନ ମାସ ୫ ତାରିଖରେ ପାଳିତ ହେଉଛି ବିଶ୍ୱ ପରିବେଶ ବା ପର୍ଯ୍ୟାବରଣ ଦିବସ ବୃକ୍ଷ ରୋପଣ, ଜଙ୍ଗଲ, ପରିବେଶ ସୁରକ୍ଷା ପାଇଁ ସଚେତନ କରାଇବା ପାଇଁ। ଆମେ ଜାଣୁ ପ୍ରକୃତି କୋଳରେ ଛନ୍ଦାୟିତ ନଦୀ ମାନଙ୍କର ମଧୁର ସଙ୍ଗୀତ ବନ୍ଦ ହୋଇଗଲାଣି ବୃକ୍ଷର ସବୁଜିମା ରେ କୋଇଲିର କୁହୁତାନ ଶୁଭିବାରେ ବ୍ୟତିକ୍ରମ ହେଲାଣି। ଜଳ କ୍ଲିଷ୍ଟ ହେଲାଣି ମାର୍ଚ୍ଚ ମାସର ପୃଥିବୀ। ପ୍ରତିଟି ବୃକ୍ଷ ଭିତରେ ରହିଛି ଔଷଧୀୟ ଗୁଣ। ତୁଳସୀ, ବେଲ, ନୀମ ରେ ଦେବତା ବାସ କରନ୍ତି। ଜଙ୍ଗଲ ପୋଡିବା ହେତୁ ପଶୁ ପକ୍ଷୀ ବନ୍ୟ ଜୀବଜନ୍ତୁ ହେଲେଣି ଜନବସତି ମୁଖା। ପ୍ଲାଷ୍ଟିକ ର ବହୁଳ ବ୍ୟବହାର ଫଳରେ ପ୍ରଦୂଷିତ ହେଲାଣି ନଈ ନାଳ। ସହରର ନର୍ଦ୍ଦମା ପାଣି ଦୂଷିତ କଲାଣି ପରିବେଶ। ଶରୀରକୁ କବଳିତ କରିଲାଣି କର୍କଟ ଓ ଯକ୍ଷ୍ମା ଭଳି ଭୟଙ୍କର ରୋଗ। ଏଲ ନିନୋ ପ୍ରଭାବରେ ବୃଦ୍ଧି ପାଇଲାଣି ତାପମାତ୍ରା, ଅସହ୍ୟ ହେଲାଣି ଗରମ। ଏସବୁ ସତ୍ତ୍ୱେ ବି ଆମେ ବଦଳି ପାରିନେ ଆମ ମାନସିକତା। ଆସନ୍ତୁ ନୂତନ ଜଙ୍ଗଲ ସୃଷ୍ଟି କରି ପୃଥିବୀକୁ ଶୀତଳତା ପ୍ରଦାନ କରିବାରେ ସହାୟକ ହେବା, ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଅବାଧ ଗଛ କଟା ବନ୍ଦ କରିବା। ପରିବେଶ ସୁରକ୍ଷା ନ କଲେ ମଣିଷ ସମାଜର ବିଲୋପ ସୁନିଶ୍ଚିତ। ମଣିଷ ପ୍ରକୃତି ଉପରେ ନିର୍ଭର କରେ। ସୁସ୍ଥ ପରିବେଶରେ ସୁସ୍ଥ ଶରୀରର ବାସ। ଗୋଟାଏ ଯୁଦ୍ଧ ପରିବେଶ କୁ ଧ୍ବଂସ କରିପାରେ କାଳ କାଳକୁ ହେଲେ ଗୋଟିଏ ଗଛ ଜୀବନ ଦେଇପାରେ ଗୋଟେ ସଭ୍ୟତାକୁ। ପରିବେଶ ସୁରକ୍ଷା ଆମ ଜୀବନ ରକ୍ଷା ଏହି କଥା ମନେ ରଖି ଏବେଠାରୁ ଯତ୍ନବାନ ହେବା।

**ଜୟଶ୍ରୀ ପଟ୍ଟନାୟକ**
**ସମ୍ପାଦିକା ଇରା ଇ ପତ୍ରିକା,ଭୁବନେଶ୍ୱର**

# ନିଶବ୍ଦ ଦୁନିଆଁର ପ୍ରେମ କାହାଣୀ

ସେଦିନ ଥିଲା ଆଲୋକ ପକ୍ଷର ଏକ ପୂର୍ଣ୍ଣମୀ ରାତି ।ତାରା ଭର୍ତ୍ତି ଆକାଶ ଭିତରୁ ଓଲେ୍ଇଇ ଆସିଲା ଜହ୍ନ । କାରଣ ଆଜି ଥିଲା ତାର ଜନ୍ମଦିନ ।ପୂର୍ଣ୍ଣମୀ ଆକାଶରେ ଜହ୍ନ ଝଟକୁ ଥିଲା ତ ଆଜି ଜହ୍ନର ଇଚ୍ଛା ହେଲା ଖୁସିର ଭଉଁରୀ ଖେଳାଇ ଟିକେ ପୃଥିବୀ ପୃଷ୍ଠରେ ବୁଲିଆସିବାକୁ ତ ସେ ତାର ଜନ୍ମଦିନର ପୋଷାକ ପରିଚ୍ଛଦ ପିନ୍ଧି ବାହାରିଲା । ନିଜ ମୁହଁ ଦେଖିବାକୁ ଦର୍ପଣ ଆଣିବାକୁ ଭୁଲିଯାଇ ସମୁଦ୍ରରେ ମୁହଁ ଦେଖିବାକୁ ଚେଷ୍ଟା କରି ପାରିଲାନି କାରଣ ଢେଉ । ଉର୍ମି ତରଙ୍ଗାୟିତ ଅବସ୍ଥାରେ ଜହ୍ନର ପ୍ରତିଫଳନରେ ତରଙ୍ଗ ସୃଷ୍ଟି ହେଉଥିଲା । ଝରଣା ପାଣିରେ ମଧ୍ୟ ସେଇ ଅବସ୍ଥା ତ ଗଡିଆ ପାଣି ମଧ୍ୟ ଖୁବ ଗୋଳିଆ ଥିଲା । କାଚକେନ୍ଦୁ ପରି ନଈ ପାଣିରେ ମୁହଁ ଦେଖିବାକୁ ଯାଇ ସେ ଦେଖିଲା କଇଁକୁ । ତା ମୁହଁଠୁ ମଧ କଇଁର ନୀଳ ମୁହଁ ଖୁବ ସୁନ୍ଦର ଥିଲା ତ ନିଜ ମୁହଁ ଦେଖିବାକୁ ଯାଇ ସେ ଦିଖିଲା କଇଁ ଭିତରେ ତା ମୁହଁ ଖୁବ ସୁନ୍ଦର । ଠିକ ରାଧା କୃଷ୍ଣଙ୍କ ପରି । ଆକାଶରେ ବାଦଲ ଭିତରେ ମେଘ ଲୁଚିଗଲା ପରେ ଯେମିତି ସୁନ୍ଦର ଦିଶେ ଠିକ ସେମିତି । ଜହ୍ନକୁ ପ୍ରେମ ହୋଇଗଲା ।ଜହ୍ନ ମୁହଁରେ ଖେଳିଗଲା ଖୁସିର ଭଉଁରୀ ସେହି ନିଶବ୍ଦ ବେଳାରେ ।

ଜହ୍ନ ଭାବୁଥିଲା ମାଆ ଲକ୍ଷ୍ମୀ ଠାକୁରାଣୀ,ପ୍ରଥମେ ଧରଣୀକୁ ବୁଲି ଆସିବାକୁ ଯାଇ ଦେଖିଥିଲେ ପେଚାକୁ । ତାକୁ ଦେଖି ସେ ନିଜର ବାହାନ କରିନେଇଥିଲେ । ସେହିଦିନଠୁ ପେଚାକୁ ଲକ୍ଷ୍ମୀଙ୍କ ବାହାନର ମାନ୍ୟତା ମିଳିଗଲା । କିନ୍ତୁ ଜହ୍ନ ନିଜ ମୁହଁ ଦେଖିବାକୁ ଯାଇ କଇଁକୁ ପ୍ରଥମେ ଦେଖି ତାର ପ୍ରେମିକ ହୋଇଯିବ ଏକଥା ସ୍ୱପ୍ନରେ ଭାବିନଥିଲା ।ଉପରୁ ତାରା ମାନେ ଚିକିମିକ ହୋଇ ହାତଠାରି ଜହ୍ନକୁ ଡାକିଲେ । ଜହ୍ନର ଦୃଷ୍ଟି ଆକର୍ଷଣ କରି ଉଲକାମାନଙ୍କୁ ପ୍ରେରଣ କଲେ ।ପୁଣି ମେଘକୁ କହି ଘଡଘଡି ବାଜା ସାଙ୍ଗକୁ ଚଡ଼ଚଡ଼ି ରୋଷଣୀ ଜାଳିଲେ ।ଯେତେ ଯାହା କଲେ ମଧ୍ୟ ଜହ୍ନ ନିଜ ମୁହଁ ଦେଖୁ ଦେଖୁ କଇଁ ମୁହଁ ଦେଖି ଓ ତା ଭିତରେ ନିଜ ମୁହଁ ଦେଖି ବିଭୋର ହେଉଥିଲା ତ ସାରୁ ବୁଦା ମୂଳେ ବେଙ୍ଗ ଓ ବେଙ୍ଗୁଲି କେଁ କଟର କେଁ କଟର କହି ବୋବାଇବାକୁ ଲାଗିଲେ ।ଝିଙ୍କାରୀ ଝିଂ ଝିଂ ସ୍ୱର କରି ଶବ୍ଦ ର ତାଳ ଦେଲା ବେଙ୍ଗ ବେଙ୍ଗୁଲିଙ୍କ ସ୍ୱରରେ ତ ଧରଣୀରେ ଲୋକେ ସବୁ କୁହାକୁହି ହେଲେ ବରଷା ଆସୁଛି ମେଘ ପାଲିଙ୍କିରେ କିନ୍ତୁ ପ୍ରକୃତି ଏମିତି କରୁଥିଲା ଜହ୍ନର ଧ୍ୟାନ ଭଗ୍ନ ପାଇଁ ବୋଲି କେବଳ ପିତା ଆକାଶ ଓ ସାଙ୍ଗ ସାଥି ତାରାମାନେ ଜାଣିଥିଲେ । ଶେଷକୁ ଝିପି ଝିପି ବର୍ଷା ପକେଇ ଡରେଇ ଜହ୍ନକୁ ଫେରେଇନେଲେ ନିଶବ୍ଦରେ ଆକାଶକୁ । ତାରାମାନେ ସିନା ସେଇଦିନଠୁ ନିଶବ୍ଦରେ ଖୋଜୁଥିଲେ ଜହ୍ନର ସାନିଧ୍ୟ ଜହ୍ନ କିନ୍ତୁ ନୀଳକଇଁକୁ ଝୁରୁଥିଲା ।ଆଉ ପୂର୍ଣ୍ଣମୀ ଆସିଲେ, ଜହ୍ନ, ନିଜର ଜନ୍ମଦିନରେ ଝୁରୁଥିଲା ନୀଳକଇଁକୁ । ନୀଳକଇଁ ମଧ୍ୟ ବେକ ଭାଙ୍ଗି ଜହ୍ନକୁ ଚାହିଁ ରହୁଥିଲା । ଏ ପ୍ରେମ ନିଆରା ହେଲେ ବି ନୀଳକଇଁକୁ କେହି କେହି ରାଧା ବୋଲି କହୁଥିଲେ ତ କେହି କେହି ତାରା ଜହ୍ନକୁ ଆକାଶର ଶ୍ରେଷ୍ଠ ପ୍ରେମିକ ଶ୍ରୀକୃଷ୍ଣ କହିବାକୁ ଭୁଲୁ ନଥିଲେ ତ ଜହ୍ନ ମନ ଓ ଦେହ ମୁହଁ ରେ ଖୁସିର ଭଉଁରୀ ଖେଳୁଥିଲା ।ଜହ୍ନ ଏବେ ରାତି ସାରୀ ଚଢି, ରୁପା ଜୋତା ଓ ଛତା ମାଡି ଚାଲୁଥାଏ ରାଜା ପରି ତ କେବେ କିଏ କହେ ଚାଲୁଛି ରାଣୀ ପରି । ସେ ନିଜେ ରାତି ସବାରୀରେ ରାଜା । ଓଲେ୍ଇଇ ଆସେ ଧରାକୁ । ବୋଧେ ନୀଳକଇଁ ପାଖକୁ । ଲାଜରେ ନୀଳକଇଁ ଆଖି ମୁଜେ । ଜହ୍ନ କିନ୍ତୁ ଘୁରିବୁଲି ଚାରିପାଖେ କହେ ଥରେ ଯଦି ଆସନ୍ତୁ ସ୍ବର୍ଗକୁ ତୋ ରୂପ ଲାବଣ୍ୟ ଦେଖି ପାରିଜାତ ଫିକା ପଡିଯାଆନ୍ତା । ସତ କହୁଛି, ଦେହ ଛୁଉଁଛି, ତୋ ରାଣ ଖାଉଛି । ନୀଳକଇଁ ଅଭିମାନ କରେ ଓ କହେ ଆଉ ପନ୍ଦର ଦିନ କୁଆଡେ ଯାଅ ଜହ୍ନ ବୁଝିପାରେ ଏହା ହିଁ ପ୍ରକୃତ ପ୍ରେମ ନୀଳକଇଁର । ପ୍ରେମ ଥିଲେ ସିନା ଜଣେ ଚାହିଁବ କି ଦିନ କି ରାତି ତା ମନମିତ ତା ଚାରିପାଖେ ଉଡି ବୁଲୁଥାଆନ୍ତା ଏକ ପ୍ରଜାପତି ପରି । ଜହ୍ନ ସେଇଥିପାଇଁ ତ ପାକ୍ଷିକ ପନ୍ଦର ଦିନ ରୁପା ଚାଦର ଘୋଡ଼ି ହୋଇ ଓଲେ୍ଇଇ ଆସେ ଧରାକୁ । ଏକଦମ ନୀଳକଇଁ ପାଖକୁ । ନୀଳକଇଁ ମାନ କରିଛି । ଅଭିମାନ ବାଢିଦେଇଛି । କୁଆଡେ ଯାଅ ମାସର ଆଉ ପନ୍ଦର ଦିନସତ କୁହ । ନହେଲେ ତୁମର ମୁଁ କେହି ନୁହଁ । ତୁମେ ଯାଅ । କି ସୁନ୍ଦର ସତରେ ଏଇ ପ୍ରେମ ଭାବ । କି ଉତ୍ତର ଦେବ ଜହ୍ନ!ସତରେ କଣ ସେ ନୀଳକଇଁକୁ ଧୋକା ଦେଇ ଆଉ କାହା ପାଖକୁ ଯାଏ!ନା ଜମା ନୁହଁ ବରଂ ପ୍ରଭୁଙ୍କ ଆଦେଶରେ କଳାଚାଦର ଘୋଡେଇ ହୋଇ ଶୋଇପଡ଼େ । ନୀଳକଇଁ ମନ ମାନେନା । ମିଛୁଆ ହୁଏ ଜହ୍ନ । ନୀଳକଇଁ କୁହେ ଜହ୍ନ ହିଁ ଭଗବାନ । ଠିକ ଦିନର ସୂର୍ଯ୍ୟଙ୍କ ଭଳି । ଦିନ ସାରା ସମସ୍ତଙ୍କୁ ଆଲୋକର କିରଣ ଦେଇ ଦେଇ ରାତିରେ ମାଆ କୋଳକୁ ଫେରିଯାଆନ୍ତି ସୂର୍ଯ୍ୟ କିନ୍ତୁ କୁଆଡେ ଯାଅ ଜହ୍ନ ତୁମେ । କେତେ ବୁଝେଇଲେ ମଧ ବୁଝୁନି କଇଁ । ତାର ସେଇ ଗୋଟିଏ ପ୍ରଶ୍ନର ଉତ୍ତର ଦେଇନପାରି ଜହ୍ନ ଆଜି ପ୍ରତାରିତ । ଫେରିଯାଏ ସାରୀ ନେଇ ପୁଣି ସ୍ୱର୍ଗକୁ ନିଜ ସାରୀ ।ମାନେ ଆକାଶକୁ । ଆକାଶରେ ବସି କାନ୍ଦେ । ସେଗୁଡା ବର୍ଷା ହୋଇ ଝରିପଡ଼େ । ଆକାଶ ଫାଟିପଡ଼େ ଜହ୍ନ ଦୁଃଖରେ । ନା ଧରଣୀରାଣୀଙ୍କ ମନ କିଣି ପାରିଛି ଆକାଶ ନା ଜହ୍ନ ସାଥି କରି ପାଇଛି ନୀଳକଇଁକୁ । ନୀଳକଇଁ ତ ଧରାରେ ରହି ବୈଜ୍ଞାନିକ, ସାହିତ୍ୟ, ସଭ୍ୟତା, ସଂସ୍କୃତି, ସଂହତିର ଦ୍ୱାହି ଦେଇ କେତେ କଥା ବଖାଣୁଛି । ଚନ୍ଦ୍ର ଗ୍ରହଣରେ ତମେ ଜହ୍ନ ଲୁଚିଯିବାର କାରଣ ମତେ ଜଣା କହୁଛି ଓ ଶ୍ରାବଣରେ ମୁହଁ ଢାଙ୍କି ଲୁଚି ରହିବା ସକାରଣ ଅଟେ ବଖାଣୁଛି କିନ୍ତୁ ପ୍ରତି ମାସର ପନ୍ଦର ଦିନ ଅନ୍ଧାରରେ ସତ୍ତୁ ଥାଉ ଧରା ପଛେ ତୁମେ ଯାଇଥାଅ ସାରୀ ଚଢି କାହା ପଛେ!ଜହ୍ନର ଏତେ ଭିର୍ନ୍ନ ଭିର୍ନ୍ନ ଉତ୍ତର ମନ କିଣି ପାରେନା ନୀଳକଇଁର ତ ଉଭୟ ହତାଶ ପ୍ରେମିକ ପ୍ରେମିକା ପରି କିଏ କେତେ ଦୂରେ ଜଳୁଥାଆନ୍ତି ବିରହ ବେଦନାରେ ତଥା ଦାରୁଣ ପରିବେଶରେ । ରାଗିଯାଏ ଜହ୍ନ । ଦେଖେଇ ହୁଏ ତାରାମାନଙ୍କ ମେଳରେ ସେ କୃଷ୍ଣ । ତାରାମାନେ ତାର ସହସ୍ର ଗୋପୀ ହେଲେ ରାଧାତ ଧରାରେ ନୀଳକଇଁ ରୂପରେ ନା!ଏକଥା ସବୁ ଭାବି ଜହ୍ନ ମନରେ ଖୁସିର ଭଉଁରୀ ଆସିବା ଭିତରେ ଭଙ୍ଗା ପଡିଥିଲା ।

ଏଥର ଜହ୍ନ ସ୍ଥିର କରିସାରିଛି । ଇନ୍ଦ୍ର ସଭାରେ ପଚାରିବ ନିଜେ ନିଜର ସେହି ପ୍ରଶ୍ନ । ଅର୍ଥାତ ତାକୁ କାହିଁକି ପନ୍ଦର ଦିନ ଅନ୍ଧାରରେ ରଖା ଯାଉଛି । ସନ୍ଦେହୀ ତାର ପ୍ରିୟାଉମା ନୀଳକଇଁ ଆଖିରେ ଅଶ୍ରୁ ଜମିଯାଉଛି ସେଥିପାଇଁ । ମିଳନରୁ ସେ ବଞ୍ଚିତ ହେଉଛି । କାହିଁକିର ଉତ୍ତର ସେ ଦେଇପାରୁନି କଇଁକୁ । ପ୍ରକୃତିର ନିୟମ କହିଲେ ନୀଳକଇଁ ମନ ବୁଝୁନି । ଇନ୍ଦ୍ରସଭା ଚାଲିଥାଏ । ସାରୀ ଲାଗିଲା ଜହ୍ନଙ୍କର । ପଚାରିଲେ ଜହ୍ନ ପ୍ରଶ୍ନ ପରେ ପ୍ରଶ୍ନ । ସମସ୍ତେ ଚକିତ । ପରେ ପ୍ରକୃସ୍ଥିତ ହୋଇ ଯେତେ କହିଲେ ପ୍ରକୃତିର ନିୟମ ଏହା । ତୁମେ ସବୁଦିନ ଚକମକ ଝଟକିଲେ ଆକାଶରେ ତୁମ ସୌନ୍ଦର୍ଯ୍ୟର ଶୋଭା କମିଯିବ । ବିରହ ନଥିଲେ ମିଳନର ସ୍ୱାଦ ନଥିବା ପରି ଅନ୍ଧାର ନଥିଲେ ଆଲୋକର ମର୍ଯ୍ୟାଦା କିଏ ଦେବ!ଏହାହିଁ ତ ପ୍ରକୃତିର ନିୟମ । ଗଛରେ ଯଦି ବାରମାସ ସାରା ଫଳ ଫଳୁଥାଆନ୍ତା କେହି କହୁନଥାନ୍ତେ ଶୁଣିବ ରାମ ରସ ଖାଇବ ଆମ୍ବ ରସ । ଅନେଇ ରହୁନଥାନ୍ତେ ପଣସ ପାଚିବାକୁ କି ତାଳ ଖଜୁରୀ ଖାଇବା ଓ ଖୁଆଇବା ଉପଯୁକ୍ତ ହେଲେ ସାବିତ୍ରୀ ଦେୀ ଙ୍କୁ ଆରାଧନା କରିବାକୁ । ଚାହିଁ ରହୁନଥାନ୍ତେ ମାଆ ଲକ୍ଷ୍ମୀଙ୍କୁ ଗେଣ୍ଡୁ ବା ମଣ୍ଡା ଫୁଲ ପିନ୍ଧେଇ ଆରାଧନା କରିବାକୁ ।ଐଶ୍ବର୍ଗୀକ ଭାବନା ଆପଣେଇବାକୁ ମଣିଷକୁ ସତ ପଥରେ ରଖି ମଣିଷପଣିଆ ଜାଗ୍ରତ କରିବାକୁ ତ ପ୍ରକୃତି ଯେମିତି ନିୟମ କରିଛି ମଣିଷ ମଧ୍ୟ ନିଜକୁ ଓ ପରବର୍ତ୍ତୀ ପିଢ଼ିକୁ ସଜାଗ କରି ପର୍ବ ପର୍ବାଣୀ ଖଞ୍ଜିଛି । ଗେଣ୍ଡୁ ଫୁଲ ଫୁଟେ ମାର୍ଗଶୀର ମାସରେ । ସବୁ ବେଳେ ଫୁଟେ କି!ତାକୁ କେହି ପଚାରେ କି କୁଆଡେ ଥିଲୁ ବର୍ଷକର ଆଉ ବାକି ଏଗାର ମାସ!ପ୍ରକୃତି ଯଦିଓ ବେଳେ ବେଳେ ସାଥ ଦେଉନି ଅର୍ଥାତ କଥା ମାନୁନି ଓ ଦାଉ ସାଧୁଛି ସେସବୁ ମଧ୍ୟ ଏଇ ମଣିଷ ପାଇଁ । ପ୍ରକୃତିର ସମସ୍ତ ଅସନ୍ତୁଳନ ଭିତରେ କାଶତଣ୍ଡୀ କେବେ ଧୋକା ଦେଇନି । ଦୁର୍ଗା ପୂଜା ପୂର୍ବରୁ ଆସିଯାଏଁ ମାଆ ଦୁର୍ଗାଙ୍କୁ ସ୍ୱାଗତ କରିବାକୁ ଆଉ ଫେରିଯାଏ ମାଆ ଯିବା ପରେ ପରେ କାଶତଣ୍ଡୀ । ନୀଳକଇଁକୁ ପଚାରୁନ ଜହ୍ନ ଯେ କେବଳ ଭାଦ୍ରବରେ ଫୁଟି ମାଆ ମଙ୍ଗଳାଙ୍କ ବେକରେ ଲୋଟୁଥାଏ ।ଅନ୍ୟ ଦିନେ ସବୁ କୋଉଠି ଥାଏଜହ୍ନ କିଛି ବୁଝିଲା ତ କିଛି ଅବୁଝା ରଖି ପୁଣି ସାରୀ ଧରି ସିଧା ଜହ୍ନ ଓଲେ୍ଇଇଲା କଇଁ ଗାଡିଆରେପୃଥିବୀ ପୃଷ୍ଠରେ । କେହି ନଥିଲେ ସେଠାରେ ।ନୀଳକଇଁ ଫୁଲ ରୂପେ କନ୍ଦ୍ଵେଇ ଗଳାର ମାଳି ହୋଇ ଝୁଲୁଥିଲା ତ କିଏ ମାଆ ଖୁଦୁରୁକୁଣୀଙ୍କ ଗଳାରେ ମାଳ କରି ଲମ୍ବେଇ ଦେଇଥିଲା କଇଁକୁ । ପୁଣି କିଏ ବେଣୀ ହୋଇ ଗୁନ୍ଥା ଯାଉଥିଲା ଗଣେଷ ପ୍ରଭୁଙ୍କ ପୂଜା ପାଇଁ । ଏସବୁ ଦେଖି ରୁପା ସାରୀ ଫେରେଇ ଆଣୁ ଆଣୁ ଆକାଶକର ନିଶବ୍ଦ ଦୁନିଆଁକୁ ଜହ୍ନ ମନରେ ଅନେକ ପ୍ରଶ୍ନ ତିଆରି ହୋଇ ସାରିଥିଲା । ଏଥର ନୀଳକଇଁର ପ୍ରଶ୍ନ ପାଇଁ ଜହ୍ନ ପାଖରେ ବି ଉତ୍ତର ଆକାରରେ ଅନେକ ପ୍ରଶ୍ନ । ଚତୁର୍ଥୀଟାରେ ଗଣେଷଙ୍କ ଗଳାର ମାଳା ହୋଇ ଝୁଲୁଛି ନୀଳକଇଁ, ପୁଣି ଭାଦ୍ରବ ଜହ୍ନ ରାତି ରବିବାରରେ ମଙ୍ଗଳାମାଆ ସୁମରଣା କରୁଛି ବେକରେ ଝୁଲି ଝୁଲି କାହା ପାଇଁ କେଜାଣି ଫୁଲେଇ ନୀଳକଇଁ!ଜହ୍ନର ସାରୀ ଉପରକୁ ଉଠି ଅଦୃଶ୍ୟ ହେଲା ବେଳେ ନୀଳକଇଁ ଭାବୁଥିଲା ହଉ ହଉ ଯାଅ । କୁମାର ପୂର୍ଣ୍ଣମୀରେ କୁଆଡେ ଯିବ ଦେଖିବିନି!

କୁମାର ପୂର୍ଣ୍ଣମୀରେ ଜହ୍ନ ଆସି ପହଁଞ୍ଚି ଯାଇଥିଲା ଧରାରେ । କୁମାରୀ ମାନଙ୍କ ଚାନ୍ଦ ଚକଟା ସହ ଭଲ ବର ପ୍ରାପ୍ତିର କାମନା ସାଙ୍ଗକୁ ଫୁଲ, ଦୁବ, ବରକୋଳି ପତ୍ର, ଅରୁଆ ଚାଉଳ ବନ୍ଦାପନା ଖୁବ ଭଲ ଲାଗୁଥାଏ ଜହ୍ନକୁ । ଜହ୍ନ ମନ କିନ୍ତୁ ଥାଏ ନୀଳକଇଁ ପାଖରେ । ହଠାତ ରୋଳ ଉଠିଲା । କୁଆଁର ପୁନେଇଁ ରାତିରେ କେହି ଝିଅଟି କଇଁ ଗଡିଆ କୁ ଡେଇଁ ଆତ୍ମହତ୍ୟା କରିଦେଇଛି । ସମସ୍ତେ ସେହି ଆଡ଼କୁ ଧାଉଁଥିଲେ । ଆକାଶରୁ ଚାନ୍ଦ ମଧ୍ୟ ସାରୀ ଥୋଇ ଓଲେ୍ଇଇ ଆସିଥିଲେ କଇଁ ଗଡିଆ ପାଖକୁ । ଝିଅଟି ଆତ୍ମହତ୍ୟା କରୁ କରୁ ବଞ୍ଚି ଯାଇଥିଲା । କଇଁ ତାର ସୁଦୀର୍ଘ ନାଡରେ ଝିଅଟିକୁ ଛନ୍ଦିଦେଇ ପାଣି ଉପରକୁ ଉଠେଇ ଦେଇସାରି ଥିଲେ । ଆତ୍ମହତ୍ୟାର କାରଣ ପ୍ରତାରଣା ଥିଲା । ପ୍ରେମିକ ପୁଅଟି ଅନ୍ୟ କୋଉ ଝିଅ ସଙ୍ଗେ ସମ୍ପର୍କ ରଖି ମାସରୁ ପନ୍ଦର ଦିନ ଗାଏବ ହୋଇଯାଉଥିବାରୁ ଝିଅଟି ଏପରି କରିଥିଲା କହୁଥିଲା । ପୁଅଟି କିନ୍ତୁ ସେଠି ପହଁଞ୍ଚି ଯାଇ କହିଥିଲା ମୋ ନିଜ ପିତା ମାତା ମତେ ଜନ୍ମ କରି ମୁଁ ବଡ଼ ହେବା ପୂର୍ବରୁ ମୋ ପିତା ମରିଗଲେ ତ ମତେ ଯେଉଁ ମାଆ ଓ ଭଉଣୀ ଦୁଃଖ ସୁଖ ଭିତରେ ଏଡେରୁ ଏତୁଟିଏ କରିବାରେ ନିଜେ ଆଧାପେଟ ରହି ମତେ ଖୁଆଇଛନ୍ତି ପେଟ ପୁରା, ନଜେ ସାତସିଆଁ ପିନ୍ଧି ମତେ ପିନ୍ଧିବାକୁ ଦେଇଛନ୍ତି ନୂଆ । ନିଜ ଝିଅକୁ ପଛରେ ରଖି ଓ ନପଢ଼େଇ ମତେ ପଢ଼େଇ ବଢ଼େଇ ଦୁନିଆଁରେ ଠିଆ କରିଛନ୍ତି ସେହି ମାଆ ଙ୍କ ପ୍ରତି ମୋର କିଛି କର୍ତ୍ତବ୍ୟ ଅଛି ନା ନାହିଁ ।ସେମାନଙ୍କ ପାଇଁ ମୋର କିଛି କର୍ତ୍ତବ୍ୟ ଅଛି ନା ନାହିଁ ବୋଲି ପୁଅଠୁ ଉତ୍ତର ପାଇ ସୁସ୍ଥ ହୋଇସାରିଥିବା ପ୍ରେମିକା ତାର କହିଥିଲା ସେକଥା ସବୁ ମତେ କହିଥିଲେ ମୋର ସନ୍ଦେହ କରିବାର ନଥିଲା । ପୁଅଟି କହୁଥିଲା ଥିଲା । ଭଲପାଉଥିବା ପୁଅକୁ କୌଣସି ଝିଅ ଅନ୍ୟ ସହ ବାଣ୍ଟିବାକୁ ଦିଏନା । କିନ୍ତୁ ବାପା ମାଆ ଭାଇ ଭଉଣୀ ପାଇଁ କିଛି ସାମାଜିକ କର୍ତ୍ତବ୍ୟ ରହିଛି ନା ନାହିଁ! ଝିଅଟି ନିଶ୍ଚୟ ଏଇଟା ହିଁ ତ ସଂସାର ରୂପକ ଜୀବନ୍ତ ଗତିଶୀଳ ପ୍ରକୃତିର ନିୟମ କହୁଥିଲା । ପୁଅଟି କହୁଥିଲା ଏବେ ଏମିତି କହିବା ସହଜ କିନ୍ତୁ ସେମାନେ ଯେତେବେଳେ ମୋର ନିଜର ରକ୍ତର ଆଉ କେହି ତାଙ୍କ ପାଇଁ ନାହାଁନ୍ତି ତ ମୋର ମାଆ ଭଉଣୀ ଙ୍କ ପାଇଁ ଦରଦ, କର୍ତ୍ତବ୍ୟ, ସ୍ନେହ, ପ୍ରେମ ଦେଖି କାଳେ ମୋ ପ୍ରେମିକା ସହିପାରିବ ନାହିଁ ବୋଲି ମୁଁ ଲୁଚି ଲୁଚି ଯାଉଥିଲି । ଏଥର ନୀଳକଇଁ ନିଜେ କହୁଥିଲା ଏକଥା ନବୁଝିଲେ କେମିତି ହେବ!ପ୍ରେମ ଖାଲି ଭୋଗରେ ନୁହଁ ବରଂ ତ୍ୟାଗରେ ଥାଏ । ପ୍ରୀତି ଓ ପ୍ରଣୟ କେବଳ ପାଖାପାଖି ଥିଲେ ହୁଏନି ବରଂ ଯେତେ ଦୂରେ ଥାଉ ଜହ୍ନ ଯେତେ ଦୂରେ କୁମୁଦିନୀ । । ପ୍ରୀତି ଅଭେଦ ତାଙ୍କର । ଏସବୁ ହୁଏତ ଆଉ କାହାକୁ ଶୁଭୁନଥିଲା ହେଲେ କାଲ ଠାର କାଲ ମାଆ ବୁଝିଲା ପରି ବୁଝିଯାଇଥିଲେ ପରସ୍ପର ଜହ୍ନ ଓ ନୀଳକଇଁ ତ ଖୁସିରେ ରୁପା ସାରୀ ଚଢି ଜହ୍ନ ଆକାଶକୁ ଯାଉ ଯାଉ କୁଆଁରୀ କନ୍ୟାମାନଙ୍କର ଚାନ୍ଦ ପୂଜା ଅଧା ଅଧୁରା ରହିଯିବା ଭୟରେ ନୀଳକଇଁ ଜହ୍ନକୁ ହାତ ଠାରି ଡାକୁଥିଲା । ଏଇ ସୁଯୋଗକୁ ଅପେକ୍ଷା କରିଥିବା ଜହ୍ନ ଆଜି କଇଁର ମନ ନେଇ କଇଁ ଗଡିଆ ଉପରକୁ ଡେଇଁ ପଡିଥିଲା । କୁଆଁରୀ କନ୍ୟା ମାନେ ସେହି ଝିଅଟି ସହିତ ହେଇଲୋ ଜହ୍ନ ଉଇଁଲେଣି ଆମ ଗାଁ କଇଁ ଗାଡିଆରେ କହି ଚଉରା ମୂଳକୁ ଧାଇଁଲେ ଅଧା ଅଧୁରା ପୂଜାକୁ ସମ୍ପୂର୍ଣ୍ଣ କରିବାକୁ । ନିରୋଳା ତଥା ନିଶବ୍ଦ ଦୁନିଆଁ ଚାନ୍ଦ ପୂଜା ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଜହ୍ନଟା ଖୁବ ଦୁଷ୍ଟ ହେଉଥିଲା କଇଁ ପାଖରେ ତ ଲାଜରେ କଇଁ କହୁଥିଲା ଆଉ କେବେ ପଚାରିବିନି ପନ୍ଦର ଦିନ ଅନ୍ଧାର କରି କୁଆଡେ ଯାଅ ବୋଲି । ଆଜି କିନ୍ତୁ ଦୟା କରି କୁଆଁରୀମାନଙ୍କ ଅର୍ଘ୍ୟ ଗ୍ରହଣ କରି ତାଙ୍କୁ ବର ଦିଅ ଚାନ୍ଦ । କୁମୁଦ କଥା ଶୁଣି ତଥାସ୍ତୁ କହି ଜହ୍ନ ବର ଦେଇ ଫେରିପଡୁଥିଲେ ରୁପା ସବାରୀରେ ତାରା ଭରା ଆକାଶକୁ ।ନୀଳକଇଁ ଶୁନ୍ୟ ମନ ଓ ଭଗ୍ନ ହୃଦୟରେ ଅନୁତାପ ଅନଳରେ ଜଳି ଜଳି ଭାବୁଥିଲେ ଆଉ ସନ୍ଦେହ କରିବେ ନାହିଁ ଜହ୍ନଙ୍କୁ । କେବେ ବି ନୁହଁ । ପ୍ରେମରେ ସନ୍ଦେହ ଏକ ମାରାତ୍ମକ କୀଟ ବୋଲି ବୁଝିବାକୁ ବାକି ନଥିଲା । ଆକାଶ ଛାତିରେ ତାରାଙ୍କ ସାଥିରେ ଜହ୍ନ ମନାଉଥିଲେ ଜନ୍ମଦିନ ।ଦେହ ଓ ମନ ତଥା ଆତ୍ମା ରେ ଖୁସିର ଭଉଁରୀ କିନ୍ତୁ ଲେସି ହୋଇ ରହିଥିଲା ସେହି ନିଶବ୍ଦ ରାତିରେ ଜହ୍ନଙ୍କର କଇଁ ଉତ୍ତରରେ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ,ପୁରୀ**

# ଫୁଲବାଣୀରେ ବିଶ୍ୱ ସାଇକେଲ ଦିବସ ପାଳିତ



ଫୁଲବାଣୀ, ୩।୬ (ଆନିସ): ଆଜି ବିଶ୍ୱ ସାଇକେଲ ଦିବସ ମାଇ ଭାରତ କନ୍ଧମାଳ ତରଫରୁଫୁଲବାଣୀ ରେ ବିଶ୍ୱ ସାଇକେଲ ଦିବସ ଅନୁଷ୍ଠିତ୍ ହୋଇଥିଲା ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲା ସହରାଞ୍ଚଳ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରବୀର କୁମାର ବାଣୁଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରୀରିକ ଅଧିକାରୀ ସଂଜୟ କୁମାର ପାତ୍ର, ଖେଳ ଶିକ୍ଷକ ଛତୁଆ ଦୀପ, ପ୍ରଦୀପ କୁମାର ସାହୁ, ମିଳନ ପ୍ରଧାନ , ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ଶତପଥୀ ଏବଂ ମାଇ ଭାରତ ଫୁଲବାଣୀ ର ଜିଲ୍ଲା ଯୁବ ଅଧିକାରୀ ପ୍ରଶାନ୍ତ କୁମାର,ସହକର୍ମୀ ସତ୍ୟବାନ ଦଳବେହେ ରା, ପ୍ରମୁଖ ଯୋଗ ଦେଇ ସାଇକେଲ ବ୍ୟବହାର କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସଙ୍ଗେ ପରିବେଶ ପ୍ରଦୂଷଣ ରୋକିବା ସହ ଦେଖା ଦେଇଥିବା ତୈଳ ସଂକଟ ମଧ୍ୟ ଦୂର ହେଇପାରିବ ବୋଲି କହିଥିଲେ ଅନୁଷ୍ଠିତ କାର୍ଯ୍ୟକ୍ରମକରେ ଶତାଧିକ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥଲେ ମୁଖ୍ୟ ଅତିଥି ଅନୁଷ୍ଠିତ ସାଇକେଲ ରାଲି ଟିକୁ ପତାକା ଦେଖ ଇ ଶୁଭାରମ୍ଭ କରିଥଲେ ସାଇକେଲ ରାଲୀ ମଦିକୁନ୍ଦା ଛକ ରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଥିଲ

# ମୟୂରଭଞ୍ଜରେ ଆଇଏମଏଫଏଲ୍ ଦୋକାନ ବଣ୍ଟନ ପାଇଁ ଲଟେରୀ ପ୍ରକ୍ରିୟା ସମ୍ପନ୍ନ

ବାରିପଦା, ୩।୬ (ଆନିସ): ମୟୂରଭଞ୍ଜ ଅବକାରୀ ଜିଲ୍ଲାର ୨୦୨୬-୨୭ ବର୍ଷ ପାଇଁ ଆଇଏମଏଫଏଲ୍ ତଥା ଠିପି ବନ୍ଦ ବିଦେଶୀ ମଦ ଦୋକାନ ଗୁଡ଼ିକର ବନ୍ଦୋବସ୍ତ ନିମନ୍ତେ ସାର୍ବଜନୀନ ଲଟେରୀ ପ୍ରକ୍ରିୟା ଆଜି ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଗତକାଲି ସଫଳତାର ସହ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ୫୩ଟି ଦୋକାନ ପାଇଁ ମୋଟ ୩୮୮ ଜଣ ଯୋଗ୍ୟ ଆବେଦନକାରୀ ଲଟେରୀ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ବେଳେ ସମଗ୍ର ପ୍ରକ୍ରିୟା ସ୍ୱଚ୍ଛ, ନିରପେକ୍ଷ ଏବଂ ସୁବ୍ୟବସ୍ଥିତ ଭାବେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଜିଲ୍ଲାର ମୋଟ ୭୨ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଲଟେରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିମଧ୍ୟରୁ କେବଳ ୫୩ଟି ଦୋକାନ ପାଇଁ ଆବେଦନକାରୀ ଆଗ୍ରହ ପ୍ରକାଶ କରିଥିଲେ । ଏଥିରେ ୩୮୮ ଜଣ ଯୋଗ୍ୟ ବିବେଚିତ ଆବେଦନକାରୀ ମନୋନୀତ ହୋଇ



ଲଟେରୀରେ ଭାଗ ନେଇଥିଲେ। ପ୍ରତ୍ୟେକ ଦୋକାନ ପାଇଁ ଆବେଦନକାରୀ ମାନେ ଦୋକାନର ସ୍ଥାନ ଅନୁଯାୟୀ ପର୍ଯ୍ୟାୟକ୍ରମେ ଲଟେରୀରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ସଫଳ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଲଟେରୀ ର ଫଳାଫଳ ତୁରନ୍ତ ଇ-ଅବକାରୀ ପୋର୍ଟାଲରେ ଅପଲୋଡ୍ କରାଯାଇଥିବା ବେଳେ ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ବିଶ୍ୱସନୀୟତା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଞ୍ଚ କରାଯାଇଥିବା ବେଳେ କେବଳ ଆବେଦନକାରୀ ଓ ସେମାନଙ୍କ ଅନୁମୋଦିତ ପ୍ରତିନିଧିଙ୍କୁ ସଭାଗୃହରେ ପ୍ରବେଶ ଅନୁମତି ଦିଆଯାଇଥିଲା ।

ସମଗ୍ର ଲଟେରୀ ପ୍ରକ୍ରିୟାର ସ୍ୱଚ୍ଛତାର ପ୍ରମାଣ ବଜାୟ ରଖିବାକୁ ଭିଡିଓ ରେକର୍ଡିଂ ମଧ୍ୟ କରାଯାଇଥିଲା। ଲଟେରୀ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ ସୟ ସମସ୍ତ ଆବେଦନକାରୀ, ପ୍ରଶାସନିକ ଅଧିକାରୀ, ଆବକାରୀ ବିଭାଗ ଏବଂ ପୋଲିସ ବିଭାଗର କର୍ମଚାରୀମାନଙ୍କ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ଅବକାରୀ ଅଧୀକ୍ଷକ ଶ୍ରୀ ପ୍ରଶାନ୍ତ କୁଁଅରଙ୍କ ସମେତ ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# ବିଭିନ୍ନ ସ୍ଥାନରୁ ୧୮୦୯ କିଲୋ ଗଞ୍ଜେଇ ଜବତ, ଚାରି ଗିରଫ , ୫ ଗାଡ଼ି ଜବତ

ଫୁଲବାଣୀ, ୩।୬ (ଆନିସ): କଂଧମାଳ ପୋଲିସ କୁ ମିଳିଛି ବଡ ସଫଳତା ଏସପି ରମେନ୍ଦ୍ର ପ୍ରସାଦ ଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ପୋଲିସ ଚଢାଉ କରି(୨୭ମେ ରୁ ୩ଜୁନ୍ ଯାଏ)ଏକ ସପ୍ତାହ ମଧ୍ୟରେ ୧୮୦୯କିଲୋ ଗଞ୍ଜେଇ ଜବତ କରିବା ସହ ୪ଜଣ ଙ୍କୁ ଗିରଫକରିବାରେ ସଫଳ ହୋଇଛି ଏଥି ସହ ଏକ ୧୪ଚକିଆ ଟ୍ରକ୍ ସମେତ ୪ଟି କାର ଜବତ କରିଥିବା କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ କହିଛନ୍ତି ଫିରିଙ୍ଗିଆ ପୋଲିସ ମେ ୨୮ତାରିଖ ରେ ଚଢାଉ କରି ୨୧କେଜି ୨୦୦ଗ୍ରାମ ଗଞ୍ଜେଇ ସହ ଏକ କାର ଜବତ କରିଛି ଏଥି ସହ ବିହାର ର ରଜନିଶ କୁମାର ସିଂହ ( ୨୮) କୁ ଗିରଫ କରିଛି ପୋଲିସ ୧୧୦/୨୬ରେ ମାମଲା ରୁଜୁ କରିଛି ସେହିପରି ଫିରିଙ୍ଗିଆ ପୋଲିସ ୩୦ତାରିଖ ରେ ଏକ ପିକ ଅ ପ ଭ୍ୟାନ୍ ସହ ୧୬୬କେଜି ୨୦୦ଗ୍ରାମ ଗଞ୍ଜେଇ ଜବତ କରିଛି ଏଥିରେ ସଂମ୍ପୃକ୍ତ ଅନୁଗୁଳ ଅଞ୍ଚଳ ର ସୁଜିତ ଦେହୁରୀ ୩୪କୁ ଗିରଫ



କରିଛି ଫିରିଙ୍ଗିଆ ପୋଲିସ ୧୧୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି ଜୁନ ୧ରେ ସଦର ଥାନା ପୋଲିସ ଚଢାଉ କରି ଏକ ଟାଟା ମେଜିକ ଗାଡ଼ି ସହ ୮୦କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ କରିଛି ପୋଲିସ ବାପିନା କହଁର ନାମକ ସ୍ଥାନୀୟ ଯୁବକ କୁ ଗିରଫ କରିଛି ସଦର ଥାନା ପୋଲିସ ୧୧୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି ସେହିପରି କୌଣସି ସୂତ୍ରରୁ ଖବର ପାଇ ବାଲିଗୁଡ଼ା ଥାନା ପୋଲିସ ଚଢାଉ କରି ଏକ ସ୍ୱିଫ୍ଟ କାର ଜବତ କରିବା ସହ ୭୦କେଜି ଜବତ କରିଛି ଏ ନେ ବାଲିଗୁଡ଼ା ପୋଲିସ ୧୩୬/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି ଏ ସଂପର୍କରେ କାହାରିକୁ ଗିରଫ କରି ପାରିନି ପୋଲିସ ଗୋ ଛା ପଡା ପୋଲିସ ଚଢାଉ କରି ଏକ ୧୪ଚକିଆ ଟାଟା ଟ୍ରକ ସହ୍ ୧୪୭୦କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ମଧ୍ୟ ପ୍ରଦେଶ ର ଯୋଗେଶ ମୀନା ନାମକ ୪୨ବର୍ଷ ଗିରଫ କରିଛି ଗୋଛାପଡା ପୋଲିସ ଏ ନେଇ ୯୦/୨୬ରେ ମାମଲା ରୁଜୁ କରିଛି ସପ୍ତାହକ ମଧ୍ୟରେ ପୋଲିସ ବିଭିନ୍ନ ଅଞ୍ଚଳ ରୁ ଜବତ କରିଥିବା ୧୮୦୯କେଜି ଗଞ୍ଜେଇ ର ଆନୁମାନିକ ମୂଲ୍ୟ ଏକ କୋଟି ୮୦ଲକ୍ଷ ଟଂକା ହେବ ବୋଲି ପୋଲିସ କହିଛି ଆଗକୁ ନିୟମିତ ଚଢାଉ ଜାରୀ ରହିବ ବୋଲି କନ୍ଧ ମାଳ ଏସପି ରମେନ୍ଦ୍ର ପ୍ରସାଦ କହି ଛନ୍ତି

# ବାଲି ଘାଟରେ ଖଣି ଅଧିକାରୀ ଓ ପୁଲିସକୁ ଆକ୍ରମଣ

ସୁନ୍ଦରଗଡ଼,୩।୬: ଇବନଦୀ ଅମଲିପାଲି ବାଲିଘାଟରେ ଚଢ଼ଉ ବେଳେ ଖଣି ଅଧିକାରୀ ଓ ପୁଲିସକୁ ଆକ୍ରମଣ କରିଛନ୍ତି ମାଫିଆ। ଚୋରା ବାଲି ବୋଝେଇ ୬ ଟି ଗାଡ଼ି ଜବତ କରି ଥାନାକୁ ଆଣୁଥିବାବେଳେ ଅଟକାଇ ନିସ୍ତୁକ ପିଟିଲେ। ଜବତ ଗାଡ଼ି ମଧ୍ୟରୁ ୫ଟି ଗାଡ଼ି ଜୋର୍ କରି ଛଡ଼ାଇ ନେଲେ। ମାଡ଼ ପରେ ବି ମାଫିଆଙ୍କ ହାତରେ ଗୋଟିଏ ଗାଡ଼ି ଥାନାକୁ ନେଇ ଆସିଥିବା ସୂଚନା । କନିଷ୍ଠ ଖଣି ଅଧିକାରୀ ପହଞ୍ଚି ଟାଉନ ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ମାଫିଆଙ୍କୁ ଧରିବାକୁ ତନାଘନା ଆରମ୍ଭ କରି ଦେଇଛି। ଆଜି ସକାଳୁ ଇବନଦୀ ଅମଲିପାଲି ଘାଟରୁ ବାଲି ଚୋରାଚାଲାଣ ହେଉଥିବା ସୂଚନା ପାଇ କନିଷ୍ଠ ଖଣି ଅଧିକାରୀ ଓ ଟାଉନ ଥାନା ପୁଲିସ ଘାଟରେ ଚଢ଼ଉ କରିଥିଲେ। ୬ଟି ଗାଡ଼ିରେ ବୋଲି ବୋଝେଇ ହୋଇଥିଲା। ଚଢ଼ଉକାରୀ ଦଳ ତୁରନ୍ତ ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ଏହି ସମୟରେ ବାଲି ମାଫିଆମାନେ ଅଚାନକ ଖଣି ଅଧିକାରୀ ଓ ପୁଲିସ ଉପରେ ଆକ୍ରମଣକରିଥିଲେ

# ବଡ଼ସାହି ବିଡ଼ିଓଙ୍କୁ ନିଲମ୍ବନ ପାଇଁ ନିର୍ଦ୍ଦେଶ

ବାରିପଦା,୩।୬(ଆନିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନମଣ୍ଡଳୀର ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିମୟୀ ବନଜା ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଚରମ ଅବହେଳା, ଉପରିସ୍ଥ ଅଧିକାରୀଙ୍କ ଅବଜ୍ଞା ଏବଂ ଶୃଙ୍ଖଳାଗତ ତ୍ରୁଟି ଅଭିଯୋଗରେ ତାଙ୍କୁ ତୁରନ୍ତ ସରକାରୀ ସେବାରୁ ନିଲମ୍ବନ କରିବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍. ଏସ. ଗୋପାଳନ ଚିଠି ଲେଖି ମୟୂରଭଞ୍ଜ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ତଥା ବଡସାହି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦୁଃଖବନ୍ଧୁ ନାୟକଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନା ଅନୁଯାୟୀ, ଆସନ୍ତା 'ସ୍ପେଶାଲ ଇଣ୍ଟେନସିଭ ରିଭିଜନ' (ଏସଆଇଆର-୨୦୨୬) କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଗତ ୨୩ ମେ ରେ ଆୟୋଜିତ ଭର୍ଚ୍ଚୁଆଲ ଟ୍ରେନିଂରେ ଶ୍ରୀମତୀ ଦାସ ଅନୁପସ୍ଥିତ ଥିଲେ । ଏଥିପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲେ ମଧ ସେ କୌଣସି ଜବାବ ଦେଇନଥିଲେ ଯାହା ଫଳରେ ତାଙ୍କର ସରକାରୀ ନିୟମ ପ୍ରତି ଉଦାସୀନତାକୁ ଦର୍ଶାଉଛି । ଏହାଛଡ଼ା ମେ' ୨୬ ଓ ୨୭ ତାରିଖରେ ବିଏଲଓ ଏବଂ ବିଏଲଓ ସୁପରଭାଇଜର ମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଶିବିର ଆୟୋଜନ କରିବାରେ ସେ ବିଫଳ ହେବା ସହ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ନିଜର ମନମୁଖୀ ଭାବେ ଏହି କାର୍ଯ୍ୟକ୍ରମକୁ ଘୁଞ୍ଚାଇ ଦେଇଥିଲେ । କେବଳ ସେତିକି ନୁହେଁ ମେ' ୨୫ ଓ ୨୬ ତାରିଖରେ ଛୁଟି ଆରମ୍ଭ ଦିନ ହିଁ ସେ କାଜୁଆଲ ଲିଭ ପାଇଁ ଆବେଦନ କରିଥିଲେ ଏବଂ ମେ' ୨୮ ତାରିଖରେ ବିନା କୌଣସି ପୂର୍ବ ସୂଚନାରେ କାର୍ଯ୍ୟରେ ଅନୁପସ୍ଥିତ ରହିଥିଲେ, ଯାହା ପ୍ରଶାସନିକ ଶୃଙ୍ଖଳାର ସମ୍ପୂର୍ଣ୍ଣ ବିରୋଧୀ ଅଟେ। ତାଙ୍କର ଏଭଳି ବାରମ୍ବାର ଅନୁପସ୍ଥିତି ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁ ବଡ଼ସାହି ବ୍ଲକରେ ଏସଆଇଆର-୨୦୨୬ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି। ଜଣେ ଦାୟିତ୍ୱବାନ ସରକାରୀ ଅଧିକାରୀ ଭାବେ ନିଜ କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ ନକରିବା ଏବଂ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧି, ୧୯୫୯ ର ଉଲ୍ଲଂଘନ କରିଥିବା ଯୋଗୁଁ ତାଙ୍କୁ ଓଡ଼ିଶା ସିଭିଲ ସର୍ଭିସେସ (ସିସିଏଣ୍ଡଏ) ରୁଲ୍ସ, ୧୯୨ ଅନୁଯାୟୀ ତୁରନ୍ତ ନିଲମ୍ବନ କରିବାକୁ ଉକ୍ତ ଚିଠିରେ ସ୍ପଷ୍ଟ କରାଯାଇଛି ।

# ଓଡ଼ଗାଁ ବ୍ଲକ ହାଇସ୍କୁଲ ମାନଙ୍କରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି

ଓଡ଼ଗାଁ, ୩।୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ୨୨ ହାଇସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ତାଲିକା ପ୍ରକାଶ ପାଇଥିବା ବେଳେ ଛୁଟିପରେ ସ୍କୁଲ ଖୋଲିଲେ ବିଦ୍ୟାଳୟ ପରିଚାଳନା ସଠିକ୍ ଢଙ୍ଗରେ ହୋଇପାରିବ। ଏବଂ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷାଦାନ ପଦ୍ଧତି ସୁଦୃଢ ହୋଇପାରିବ ବୋଲି ଆଶା କରାଯାଉଛି। ଓଡ଼ଗାଁ ବ୍ଲକ ପଞ୍ଚାୟତ ହାଇସ୍କୁଲ ସୁନାମୁହିଁରେ ପ୍ରଧାନ ଶିକ୍ଷୟିତ୍ରୀ ରୁପେ ପ୍ରଜ୍ଞା ପାରମିତା ସାହୁ, କୁରାଳ ହାଇସ୍କୁଲ ପାଇଁ ବିଷ୍ଣୁପ୍ରିୟା ନାୟକ, କୋମଣ୍ଡ ହାଇସ୍କୁଲରେ ପ୍ରସନ୍ନ କୁମାର ପାଣିଗ୍ରାହୀ, ରାବରାରେ ରଶ୍ମିରଞ୍ଜନ ମିଶ୍ର, ବାଉଁଶ ଗାଡ଼ିଆରେ ଅମିତା ରଥ,ବାଣପୁର ପାଇଁ ତୃପ୍ତି ଲତା ପ୍ରଧାନ, ଗୌଡପୁଟ ଫକିର ମିଶ୍ର, ନନ୍ଦିଘୋର ହାଇସ୍କୁଲ କାଦମ୍ବିନୀ ମହାନ୍ତି, ପିଏମଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରମେଶ ଚନ୍ଦ୍ର ସାହୁ, ବରସାହି ପାଇଁ ପ୍ରିତିଲତା ପ୍ରଧାନ, ଗୁଆନ୍ଦ ପାଇଁ



ସବିତା ସୋରେନ୍, କୁରୁମବାଙ୍କତରା ପାଇଁ ପିଠା ହାଁଦଶା, କୋରପିଠା ହାଇସ୍କୁଲ ପାଇଁ ଉର୍ମିଳା ବିଡନାୟକ, ସାକେ ପାଇଁ ଗିତାଞ୍ଜଳୀ ଦେବତା, ପିଏମଶ୍ରୀ ସୋଲପଟା ହାଇସ୍କୁଲ ଜ୍ୟୋସ୍ନା ମାରାଣ୍ଡି, ବିନାୟକ ପୁର ରମେଶ ଚନ୍ଦ୍ର ସାହୁ, ଶରଣକୁଳ ଗାଲ୍ସ ହାଇସ୍କୁଲ ସୁନିଲ କୁମାର ନାୟକ, କୁବେର ଲୋକନାଥ ହାଇସ୍କୁଲ ବଡ ଗୋରଡା ସ୍ୱପ୍ନ ମୟୀ ଦେହୁରୀ, ଗୋଡିପଡା ଘନଶ୍ୟାମ ରାଉତ, ଜନଶକ୍ତି ବିଦ୍ୟା ନିକେତନ, ଦେଓଗାଁ ଭାଲିଆଡିହି ସତ୍ୟନାରାୟଣ ଆଚାର୍ଯ୍ୟ, ସେହିପରି ପାଣ୍ଡେରିପଡା ଶତୃଘ୍ନ ହାଇସ୍କୁଲରେ ଶତୃଘ୍ନ ପ୍ରଧାନ ସ୍ଥାୟୀ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିବା ନିମନ୍ତେ ରାଜ୍ୟ ଗଣଶିକ୍ଷା ବିଭାଗ ତରଫରୁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିକା ପ୍ରକାଶ ପାଇଛି। ଏବଂ ଖୁବଶୀଘ୍ର କାର୍ଯ୍ୟରେ ଯୋଗ ଦେଇ କାର୍ଯ୍ୟାରମ୍ଭ ପାଇଁ ପତ୍ରରେ ନିର୍ଦ୍ଦେଶ ରହିଛି ।

ତାଲିକା ପ୍ରକାଶ ପାଇବା ପରେ ଓଡ଼ଗାଁ ପିଏମଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ସାହୁ ସେହି ସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷା କର୍ମଚାରୀମାନେ ସ୍କୁଲ କାର୍ଯ୍ୟାଳୟରେ ଭେଟି ପୁଷ୍ପଗୁଚ୍ଛ ଦେଇ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ଜଣାଇଛନ୍ତି। ସୂଚନା ଥାଉକି ବ୍ଲକ୍ ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲ ଗୁଡ଼ିକୁ ବାଦ୍ ଦେଇ ପ୍ରକାଶିତ ତାଲିକା ଅନୁସାରେ ପ୍ରଧାନ ଶିକ୍ଷକ କାର୍ଯ୍ୟରେ ଯୋଗଦେଲେ ବ୍ଲକର ଆଉ କୌଣସି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିବ ନାହିଁ।

# ବିନିକା ଏନଏସି ଭତ୍ତା ଅପେକ୍ଷାରେ ୧୩୬ ହିତାଧିକାରୀ

## ୮୨୨ ଜଣଙ୍କୁ ୨ ମାସ ର ଭତ୍ତା ମିଳିନି, ନିର୍ବାହୀ ଅଧିକାରୀ ଙ୍କୁ ଦାବିପତ୍ର

ବିନିକା, ୩।୬ (ଆନିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନ ଏ ସି ରେ ମଧୁବାବୁ ଯୋଜନାରେ ୧୪୫୭ ଜଣ ଭତ୍ତା ଅଫିସ ରୁ ହାତରେ ପାଉଥିବାବେଳେ ବ୍ୟାଙ୍କ ମାଧମରେ ଆଇ ଜି ଏନ ଓ ପି ରେ ୫୯୬ ଜଣ ଆଇ ଜି ଏନ ଡବ୍ଲୁ ପି ୧୬୬ ଜଣ ଆଇ ଜି ଏନ ଡି ପି ରେ ୬୦ ଜଣ ଭତ୍ତା ପାଉଛନ୍ତି କିଣ୍ଟୁ ଦୁଃଖ ର ବିଷୟ ବ୍ୟାଙ୍କ ମାଧମରେ ପାଉଥିବା ବୃଦ୍ଧ ବୃଦ୍ଧା ବିକଳାଙ୍ଗ ବିଧବା ମାନେ ୨ ମାସ ର ଭତ୍ତା ପାଇ ପାରିନାହିଁ ଯାହାଫଳରେ ହିତାଧିକାରୀ ମାନେ ରାସ୍ତା ଘାଟରେ ଲୋକଙ୍କୁ ପଚାରୁଛନ୍ତି ବାବୁ ଆମେ ଭତ୍ତା କେବେ ପାଇବୁ ସୋମବାର ବୃଦ୍ଧ ବୃଦ୍ଧା ମନେ ଏକ ଲିଖିତ ଦାବିପତ୍ର ଦେଇ ଉଲ୍ଲେଖ କରିଛନ୍ତି ଯଦି ଆସନ୍ତା ୫ ତାରିଖ ସୁଦ୍ଧା ଭତ୍ତା ନ ମିଳିଲେ ଅଫିସ ସମ୍ମୁଖ ରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି ଏ ବିଷୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ଙ୍କୁ ପଚାରିବାରୁ କହିଲେ ସମସ୍ୟାର ସମାଧାନ ପାଇଁକର୍ତ୍ତୃପକ୍ଷ ଙ୍କୁ ଜନଇଛୁ ଆଶା କରାଯାଉଛି ଖୁବ କମ ଦିନରେ ସମାଧାନ ହୋଇଯିବ ଅନ୍ୟ ପକ୍ଷରେ ଦୀର୍ଘ ଦିନ ହେବ ୧୩୬ ଜଣ ଯୋଗ୍ୟ ହିତାଧିକାରୀ ଆବେଦନ କରିସୁଦ୍ଧା ଭତ୍ତା ମଞ୍ଜୁର ହୋଇନାହିଁ ।

# ବିଭିନ୍ନ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ସମସ୍ୟା ନେଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର

ପୁରୀ, ୩।୬ (ଆନିସ): ଦୀର୍ଘ ଦିନ ଧରି ନୂତନ ମେଡିକାଲ କୋଠା ନିର୍ମାଣ ଏବଂ ନିର୍ମାଣ ହୋଇସାରିଥିବା ମେଡିକାଲ୍ କଲେଜ ଆରମ୍ଭ ହୋଇପାରିନଥିବାରୁ ଉତ୍ତମ ଚିକିତ୍ସା ସୁବିଧା ପାଇବା ପୁରୀ ଜିଲ୍ଲା ବାସୀଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି । ଅନେକ ରୋଗୀ ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ଭୁବନେଶ୍ୱର ଓ କଟକକୁ ରେଫର ହେଉଛନ୍ତି, ଏବଂ କେତେକ କ୍ଷେତ୍ରରେ ରାସ୍ତାରେ ମୃତ୍ୟୁବରଣ କରୁଛନ୍ତି। ଏହା ପୁରୀ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଦୁଃଖଦ ଚିତ୍ର।

ବର୍ତ୍ତମାନ କାର୍ଯ୍ୟରତ ପୁରୁଣା ହସ୍ପିଟାଲରେ ରୋଗୀ ଓ ସେମାନଙ୍କ ପରିଜନମାନେ ପ୍ରତିଦିନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ନିମ୍ନଲିଖିତ ଦାବିଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଦାବିପତ୍ର ଦିଆଯାଇଛି ।

ଦାବିସମୂହ: ହସ୍ପିଟାଲର ନିରାମୟ, ୬ ତାଲା, କ୍ୟାମ୍ପସ, କ୍ୟାଜୁଆଲିଟି ଓ ଅନ୍ୟାନ୍ୟ ବିଭାଗରେ ପ୍ରାୟ ୧୫୦ଟି ନୂତନ ଫ୍ୟାନ ସ୍ଥାପନ କରାଯାଉ। କ୍ୟାଜୁଆଲିଟି, ହିଟ୍ ଷ୍ଟ୍ରୋକ,



ଅର୍ଥୋପେଡିକ୍, ଚକ୍ଷୁରୋଗ ବିଭାଗ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ୱାର୍ଡରେ ୧୦ଟି ଏୟାର କଣ୍ଡିସନର ସ୍ଥାପନ କରାଯାଉ। ହସ୍ପିଟାଲ କ୍ୟାମ୍ପସ ଓ ବିଭିନ୍ନ ୱାର୍ଡରେ ୭ଟି ୱାଟର ପ୍ୟୁରିଫାୟର ସ୍ଥାପନ ସହ ପ୍ରତ୍ୟେକ ପ୍ୟୁରିଫାୟର ତଳେ ଏକ ବେସିନ ବ୍ୟବସ୍ଥା କରାଯାଉ। ୬ ତାଲାର ଆଲୋକ ବ୍ୟବସ୍ଥା ଅତ୍ୟନ୍ତ ନିମ୍ନମାନର ଥିବାରୁ ସେଠାରେ ଉନ୍ନତମାନର ଲାଇଟ୍ ସ୍ଥାପନ କରାଯାଉ। କ୍ୟାଜୁଆଲିଟିରୁ ୱାର୍ଡକୁ ଯିବା ରାସ୍ତାରେ ଚାଲିଥିବା ସିଲିଂ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯାଉ। ୬ ତାଲାରେ ପରିଚାଳନା ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଥିବାରୁ ଏହାର ତଦନ୍ତ କରାଯାଇ ଦାୟୀ କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯାଉ। ମହିଳା ୱାର୍ଡରେ ସ୍ୱଚ୍ଛତା, ସୁରକ୍ଷା ଓ ମୌଳିକ ସୁବିଧାର ଅଭାବ ଦୂର କରି ତୁରନ୍ତ ଉନ୍ନତିମୂଳକ ପଦକ୍ଷେପ ନିଆଯାଉ। ରୋଗୀଙ୍କ ପରିଜନମାନେ ବିଭିନ୍ନ ପ୍ରଶାସନିକ ଓ ମୌଳିକ ସମସ୍ୟା ଯୋଗୁଁ ହଇରାଣ ହେଉଥିବାରୁ ସେମାନଙ୍କ ସୁବିଧା ପାଇଁ ଉଚିତ ବ୍ୟବସ୍ଥା କରାଯାଉ। ସର୍ଜରୀ ୱାର୍ଡ ପଛପଟେ ଡ୍ରେନ ପାଣି ଓ ଆବର୍ଜନା ଦୀର୍ଘଦିନ ଧରି ଜମି ରହିଥିବାରୁ ତୁରନ୍ତ ସଫେଇ କରାଯାଇ ନିୟମିତ ପରିଚ୍ଛନ୍ନତା ବ୍ୟବସ୍ଥା କରାଯାଉ। କିଛି ଡାକ୍ତର ଦୀର୍ଘ ବର୍ଷ ଧରି ପୁରୀରେ କାର୍ଯ୍ୟରତ ଥିବାରୁ ସରକାରୀ ଚିକିତ୍ସାରେ ଅବହେଳା ଏବଂ ବେସରକାରୀ ଚିକିତ୍ସାଳୟକୁ ଯିବା ପାଇଁ ପରୋକ୍ଷ ପ୍ରୋତ୍ସାହନ ଦିଆଯାଉଥିବା ନେଇ ସାଧାରଣ ଲୋକଙ୍କଠାରୁ ଅଭିଯୋଗ ଆସୁଛି। ତେଣୁ ୧୦ ବର୍ଷରୁ ଅଧିକ ସମୟ ଧରି ପୁରୀରେ କାର୍ଯ୍ୟରତ ଡାକ୍ତରମାନଙ୍କ ବଦଳି କରାଯାଇ ଅଭିଜ୍ଞ ଓ ଦକ୍ଷ ଡାକ୍ତରଙ୍କ ନିଯୁକ୍ତି କରାଯାଉ। ପୁରୀରେ ହୃଦରୋଗ ବିଭାଗ ଓ ସ୍ନାୟୁରୋଗ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜରୁରୀକାଳୀନ ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଥିବାରୁ ଏହି ବିଭାଗଗୁଡ଼ିକରେ ସ୍ଥାୟୀ ଭାବରେ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ଯଥାଶୀଘ୍ର କରାଯାଉ। ପୁରୀ ମେଡିକାଲରେ କାର୍ଯ୍ୟରତ ଡାକ୍ତର ସଂଖ୍ୟା ଡିଉଟି ସମୟରେ ଉପସ୍ଥିତ ସଂଖ୍ୟା ସବୁବେଳେ କମ୍ ରହିଛି । ବେଳେ ବେଳେ ରେ କେହି ବି ଡାକ୍ତର ଉପସ୍ଥିତ ରହୁନଥିବା ବାରମ୍ବାର ଅଭିଯୋଗ ହେଉଛି । ତେଣୁ ଘଟଣାକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହ ଡ୍ୟୁଟି ସମୟରେ ଡାକ୍ତରଙ୍କ ଉପସ୍ଥିତ ନିଶ୍ଚିତ କରିବାକୁ ଅନୁରୋଧ । ଉପରୋକ୍ତ ସମସ୍ତ ବିଷୟ ଉପରେ ଆଲୋଚନା ହୋଇଛି । ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ନ କରାଗଲେ ରୋଗୀ ଓ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ିବ। ତେଣୁ ଏହି ଦାବିଗୁଡ଼ିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ରଖାଯାଇଛି , ଅନ୍ୟଥା ଜନସ୍ୱାର୍ଥରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଆମେ ଆମ୍ ଆଦ୍‌ମୀ ପାର୍ଟି ବାଧ୍ୟ ହେବ ବୋଲି ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି କହିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି, ପୁରୀ ନଗର ସଭାପତି ରମାକାନ୍ତ ସ୍ୱାଇଁ , ଯୁବ ସଂଗଠକ ଜନ୍ମେଜୟ ଜେନା ଏବଂ ଅମନ୍ ମହାପାତ୍ର ଉପସ୍ଥିତ ଥିଲେ ।

# ସଂସ୍କୃତିର ସଂରକ୍ଷଣ ପାଇଁ ସମୀକ୍ଷକ କମିଟି ଗଠନ

ଫୁଲବାଣୀ, ୩।୬ (ଆନିସ): ଇତିହାସ, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ନିମନ୍ତେ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀର 'ଭାଷା ସମୃଦ୍ଧି ଅଭିଯାନ' କୁ ସଫଳ କରିବା ତଥା ତଥ୍ୟର ମାନକୀକରଣ ଓ ସଠିକତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍ ଭାବନା ସଭାଗୃହଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷକମିଟି ଗଠନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରୁ ସ୍ଥାପିତ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ ଆଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଓଡ଼ିଆ ଭାଷା, ସାହିତ୍ୟ ଓ ଦୁର୍ଲଭ ପୁରାତନ କୃତିଗୁଡ଼ିକର ଡିଜିଟାଇଜେସନ ପ୍ରକ୍ରିୟା ଜାରି ରଖିଛି । ଏହି ପରିପ୍ରେକ୍ଷୀରେ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ଏକ ମଡେଲ ଡିଜିଟାଲ ଭାଷା ଭଣ୍ଡାର ପ୍ରସ୍ତୁତ କରାଯାଉଛି । ଏହି ଓଡ଼ିଆ ଭାଷା ଭଣ୍ଡାରକୁ ଭାରତ ସରକାରଙ୍କ 'ଭାଷିନୀ' ପ୍ଲାଟଫର୍ମ ସହିତ ସଂଯୋଗ କରାଯିବ, ଯାହାଦ୍ୱାରା ଓଡ଼ିଶାର ବହୁମୂଲ୍ୟ କୃତିଗୁଡ଼ିକ ଅତି ସହଜରେ ଇଂରାଜୀ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦ ହୋଇପାରିବ । ଏହା ସହିତ ଏହିସବୁ ମୁକ୍ତତଥ୍ୟ ଗୁଗଲ ଓ ମାଇକ୍ରୋସଫ୍ଟ ଭଳି ପ୍ରମୁଖ ଡିଜିଟାଲ ସର୍ଚ୍ଚ ଇଞ୍ଜିନରେ ମଧ ଉପଲବ୍ଧ କରାଯିବ । ଏହି ଡିଜିଟାଲ ଜ୍ଞାନ କୋଷରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱ, ସଂସ୍କୃତି, ପ୍ରଶାସନିକ ନିୟମାବଳୀ, ଜଗନ୍ନାଥ ଚେତନା, ପାରମ୍ପରିକ ଚିକିତ୍ସା, କୃଷି, ମତ୍ସ୍ୟପାଳନ, ବିଜ୍ଞାନ ଓ ଇତିହାସ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟର ବିବରଣୀ ସ୍ଥାନିତ ହେବ । ଜିଲ୍ଲାର ପ୍ରତ୍ୟେକ ବିଭାଗ ଏଥିପାଇଁ ସଠିକ ଓ ପ୍ରାମାଣିକ ତଥ୍ୟ ପ୍ରଦାନ କରିବାକୁ ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଭୁତି ଭୂଷଣ ମହାପାତ୍ର , ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ , ଜିଲ୍ଲା ଶିକ୍ଷା ଅଧିକାରୀ ରଜେଶ କୁମାର ସ୍ବାଇଁ, ଉଦ୍ୟାନ କୃଷିର ଉପ ନିର୍ଦ୍ଦେଶକ ସ୍ମିତା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନଳିନୀକାନ୍ତ ସାହୁ ଏହି ବୈଠକକୁ ପରିଚାଳନା କରିଥିଲେ ।

# ୧୦୮ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟ ପ୍ରହରୀ ନାମ ସଙ୍କୀର୍ତ୍ତନ ସମାପନ



ରାମନାଗୁଡା ,୩୧୬ (ଆନିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଙ୍କୀର୍ତ୍ତନ ମହାଆନନ୍ଦ ସହକାରେ ସମାପନ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଅଧିବାସ ସହ ପ୍ରାୟ ସହ ସହ ମା ଓ ଭଉଣୀ ମାନଙ୍କୁ ନେଇ କଳସ ଯାତ୍ରା ସ୍ଥାନୀୟ ପୂର୍ତ୍ତିଗୁଡା ଚିର ସ୍ରୋତ ନାଳରୁ କଳସ ଯାତ୍ରା କରି ରମନାଗୁଡ଼ା ବୁଢ଼ୀ ଠାକୁରାଣୀ ନିକଟ ଯଜ୍ଞ ପଡିଆକୁ କଳସ ଶୋଭାଯାତ୍ରା ରେ ଆସିଥିଲେ। ପରେ ପରେ ପୂଜ୍ୟ ଗୁରୁଜୀ ଶ୍ରୀ ଚୈତନ୍ୟ ସ୍ୱାମୀ ଙ୍କ ଦ୍ୱାରା ପ୍ରବୋଚନ କାର୍ଯ୍ୟକ୍ରମ ଓ୨ୟଦିବସରେ ଅଖଣ୍ଡ ହନୁମାନ ଚାଳିଶା ପରେ ୧୦୮କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା ।ତତ୍ ପରେ ସମସ୍ତ ଭକ୍ତ ବୃନ୍ଦ ଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ଆୟୋଜକ କମିଟି ତରଫରୁ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଅଷ୍ଟ ପ୍ରହର ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇ ପରଦିନ ଦିବା ୯ଘଣ୍ଟିକା ୧୫ ମିନିଟ୍ ସମୟ ରେ ସାରି ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲା। ଯଜ୍ଞ ବେଦୀରେଯଜ୍ଞ ସମାପନ ପରେ ଦଧି ହାଣ୍ଡି ଭଙ୍ଗନ କରାଯିବା ସହ ଭକ୍ତ ମାନେ ପ୍ରସାଦ ସେବନ କରିଥିଲେ।ଉକ୍ତ ୧୦୮କୁଣ୍ଡିୟ ଯଜ୍ଞ ରାମନାଗୁଡା ବ୍ଲକ ଅଧକ୍ଷ ରବିଶଙ୍କର ଗମାଙ୍ଗ ମୁଖ୍ୟଆୟୋଜକ,କୀର୍ତ୍ତି ଚନ୍ଦ୍ର ସାହୁ ଯଜ୍ଞ କମିଟିର ମୁଖ୍ୟ ସଂଯୋଜକ,ରାମକୃଷ୍ଣ ପାଣିଗ୍ରାହୀ ସହସଂଯୋଜକ, ପରିଚାଳନା କମିଟି ସଦସ୍ୟ ତଙ୍ଗୁଡୁ ଶ୍ରୀଧର,ଆପରାଓ ପତିକା,ମାଝୀ ମଣ୍ଡାଙ୍ଗି, ଗଙ୍ଗାଧର ମଣ୍ଡାଙ୍ଗୀ, ଗୁରୁମୂର୍ତି ସ୍ୱାମୀ, ସୁଦର୍ଶନ ପଣ୍ଡା, କୃଷ୍ଣ ଚନ୍ଦ୍ର ସାହୁ, ପେଦିନ ଶ୍ରିନୁ, ପେଦିନା ମୁରଲୀ,ବାଲାଜୀ ଧୋବା,ସୁଧୀର ମିଶାଲ,ରଘୁନାଥ ସାମଲ,ଶକ୍ତି ପ୍ରସାଦ ପାତ୍ର, ଆଶିଷ ବେହେରା,ଜଗଦିଶ ପାତ୍ର,ମୁରଲୀ ଦାସ, ଲମ୍ବଦରୋ ଗମାଙ୍ଗ,ଚିନ୍ନା କଣ୍ଡାଗରୀ,ରାୟଗଡ ଗାୟତ୍ରୀ ଶକ୍ତିପୀଠର ଭଉଣୀମାନେ, ନିକଟସ୍ଥ ସଂକୀର୍ତ୍ତନ ମଣ୍ଡଳୀ, ରାମନାଗୁଡା ସର୍ବେ ଭବନ୍ତୁ ସୁଖିନର କାର୍ଯ୍ୟକର୍ତ୍ତାଙ୍କ ଅଶେଷ ସହଯୋଗରେ ୧୦୮କୁଣ୍ଡିୟ ଯଜ୍ଞ ସମାପନ ହୋଇଥିଲା।

# କନ୍ଧମାଳ ଜିଲ୍ଲାପାଳଙ୍କ ଘୁ.ଉଦୟଗିରି ବ୍ଲକ ବିଭିନ୍ନ ପଞ୍ଚାୟତ ପରିଦର୍ଶନ



ଘୁ.ଉଦୟଗିରି ,୩୧୬ (ଆନିସ): କନ୍ଧମାଳ ଜିଲ୍ଲାପାଳ ଶ୍ରୀଯୁକ୍ତ ବେଦଭୂଷଣ ମଙ୍ଗଳବାର ଘୁ.ଉଦୟଗିରି ବ୍ଲକ ପରିଦର୍ଶନ କରିଛନ୍ତି ତଲାରୀମାହା ପଞ୍ଚାୟତରେ ଆରୋଗ୍ୟ ସେବାକେନ୍ଦ୍ର, ବିଜିବିଓ ଅଙ୍ଗନବାଡି କେନ୍ଦ୍ର, ଦାସଡିମାହା ୨୦୦୦କ୍ଷମତା ବିଶିଷ୍ଟ, ଚାଷ ବ୍ୟବସ୍ଥା ଓ ସୁଭାଶିନୀ ସ୍ୱୟଂ ସହାୟକ (ସୁଭଦ୍ରା ଶକ୍ତି ) କଳିଙ୍ଗା ପଞ୍ଚାୟତରେ( ଓଏଲଏମ )ମାଧ୍ୟମରେ ନୁଡୁଲସ, ବିଜିବିଓ ଗାଡିଙ୍ଗିଆ ପ୍ରା.ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ରୋଷଇ ଘର,ନୋଡାଲ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ, ଆଦି ଦେଖିଥିଲେ ସେହିପରି ମାଲିକାପଡ଼ି ପଞ୍ଚାୟତ ବିଜିବିଓ କୁମ୍ଭାରକୁପା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ (ଓଏଲଏମ )ଦିପ୍ତିମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ନୁଡୁଲ ତିଆରି ଆଦି ପରିଦର୍ଶନ କରିଥିଲ ଅନ୍ୟମାନଙ୍କ ମଧ୍ୟରେ ଜସକରଣ ସିଂ, ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ ସତ୍ୟନାରାୟଣ ମିଶ୍ର, ବ୍ଲକ ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ବିନୋଦ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଚକ୍ରଧର ପୂର୍ତ୍ତି, ତାଜ ଅହମ୍ମଦ ଖାନ ଓ ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଚାରୁ ଓ କାରୁକଳା ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୩ ପାଠ୍ୟକ୍ରମ ଆରମ୍ଭ ନେଇ ଦ୍ୱନ୍ଦ୍ୱ



## ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀଙ୍କ ଅବହେଳା ଯୋଗୁଁ ଅଟକିଛି ଜାମି ଅଧିଗ୍ରହଣ, ଜିଲ୍ଲାପାଳ ନିରବଦ୍ରଷ୍ଟା

ଜୟପୁର,୩୧୬ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ର ସ୍ୱର୍ଗତ ରାଜା ଶ୍ରୀ ବିକ୍ରମ ଦେବ ବର୍ମା ଜଣେ କଳା ଓ ସାହିତ୍ୟ ପ୍ରେମୀ ହୋଇଥିବାରୁ ତାଙ୍କ ବଦାନ୍ୟରେ ଜୟପୁରରେ ଶ୍ରୀ ବିକ୍ରମ ଦେବ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟଟି ଓଡ଼ିଶାର ସ୍ୱନାମଧନ୍ୟ ଶିଳ୍ପୀ ସିମାଦ୍ରି ମହାରଣାଙ୍କ ଚେଷ୍ଟାରେ ୧୯୪୬ ମସିହାରେ ଓଡ଼ିଶାର ପ୍ରଥମ ଚାରୁ ଓ କାରୁକଳା ଉଚ୍ଚ ବିଦ୍ୟାଳୟଟି ଆରମ୍ଭ ହୋଇଥିଲା। ଏହି ଉଚ୍ଚ ବିଦ୍ୟାଳୟଟି ରାଜ୍ୟ ସଂସ୍କୃତି ବିଭାଗ ଅଧୀନରେ ରହିଛି। ୧୯୪୬ ମସିହାରୁ ଏହି ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିଥିବା ଯେଉଁ ଛାତ୍ର ଛାତ୍ରୀଙ୍କ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ସେମାନେ ଉଚ୍ଚ ଶିକ୍ଷା ୩ ନିମନ୍ତେ ଖୋଲିକୋଟ କିମ୍ବା ରାଜଧାନୀରେ ଅଧ୍ୟୟନ କରିଥିଲେ ଏବଂ ବର୍ତ୍ତମାନ କରୁଛନ୍ତି ଏବଂ ଯାହାର ଆର୍ଥକ ସ୍ଥିତି ଦୁର୍ବଳ ସେମାନେ କଳାକୁ ଛାଡି ସ୍ଥାନୀୟ ମହାବିଦ୍ୟାଳୟ ମାନଙ୍କରେ ବିଜ୍ଞାନ କଳା କିମ୍ବା ବାଣିଜ୍ୟ ୩ ପାଠ୍ୟକ୍ରମ ପଢିବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାର ଘୋରଇ ଶିକ୍ଷା ଅନୁଷ୍ଠାନ ମାନଙ୍କୁ ୩ ନିମନ୍ତେ ଅନୁମତି ଦେଇ ରାଜ୍ୟର ସର୍ବ ପୁରାତନ ଜୟପୁରର ଚାରୁ ଓ କାରୁକଳା ବିଦ୍ୟାଳୟକୁ ଉପେକ୍ଷା କରିବା କରିବା ପଛରେ କାରଣ କଣ ରହିଛି ସଂସ୍କୃତି ବିଭାଗ ରାଜ୍ୟର ଘରୋଇ ଶିକ୍ଷା ଅନୁଷ୍ଠାନ ମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ରହିଥିବା ସାଧରଣରେ ଚର୍ଚ୍ଚା ହେଉଥିଲା କିଛି ଗଣମାଧ୍ୟମରେ ରେ ସମ୍ପୁର୍ଣ୍ଣ ବିଷୟ ପ୍ରକାଶିତ ହେବା ପରେ ରାଜ୍ୟ ସଂସ୍କୃତି ବିଭାଗ ତାଙ୍କ ଆଦେଶ ସଂଖ୍ୟା ୪୧୯୫ – ୨୬–୧୦–୨୦୨୨ ତାରିଖରେ ସରକାର ଜୟପୁର ଠାରେ ଚାରୁ ଓ କାରୁକଳା ଉଚ୍ଚ ବିଦ୍ୟାଳୟ ଟିରେ ୩ ପାଠ୍ୟକ୍ରମ ଆରମ୍ଭ କରିବାକୁ ଅନୁମତି ଦେଇଥିବା ଖବର ସୂଚନା ଅଧିକାର ନିୟମରେ ତଥ୍ୟ ଆମ ଜୟପୁର ପ୍ରତିନିଧି ମାଗିବାରୁ ହସ୍ତଗତ ହୋଇଛି। ଏହି ଆଦେଶ ଯୋଗୁଁ ବହୁ ଛାତ୍ର ଛାତ୍ରୀ ଉପକୃତ ହେବା ସହ ରାଜ୍ୟରେ ଚାରୁ ଓ କାରୁକଳା ବିଦ୍ୟା ଜୀବିତ ରହିବ ବୋଲି ସ୍ଥାନୀୟ ଲୋକମାନେ ଆଶା ବାନ୍ଧିଲେ କିନ୍ତୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଅବହେଳା ଯୋଗୁଁ ବିଗତ ୩ ବର୍ଷ ତଳରୁ ଜୟପୁର ତହସିଲଦାରଙ୍କ ପତ୍ର ସଂଖ୍ୟା ୨୬୯୨–୧୨–୮–୨୦୨୪ ଅନୁଯାୟୀ ଯୋଗାଇଥିବା ୫ ଏକର ଜମି ଖାତା ନଂ ୨୫୬ ଜୟପୁର ମୌଜା ପ୍ଲଟ ନଂ ୭୭୯ କିସମ ଧାନ ୧ ଆବଦ ଯୋଗ୍ୟ ଅନାବାଦୀକୁ ଆଜି ସୁଦ୍ଧା ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ନାମରେ ପଟ୍ଟା କରି ପାରିଲେ ନାହିଁ କି ୩ ପାଠ୍ୟକ୍ରମ ଆରମ୍ଭ ହୋଇପାରିଲା ନାହିଁ ଯାହା ଯୋଗୁଁ ବିଗତ ୯୦ ବର୍ଷ ରେ ଯୋଡି ହୋଇଗଲା ଆଉ ୩ ବର୍ଷ । ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ନଷ୍ଟ କରିଥିବା ଦାୟୀ ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେବା ସହ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଚେଷ୍ଟାରେ ଆସିଥିବା ଅନୁଦାନ ୧୫ ଲକ୍ଷ୍ୟ ଟଙ୍କା ପ୍ଲାଟିନମ ଜୁବୁଲି ପାଳନ ନିମନ୍ତେ ବିଗତ ୪ ବର୍ଷ ଧରି ପଡି ରହିଛି ଜିଲ୍ଲା ସଂସ୍କୃତି ବିଭାଗରେ ଏହି ଅନୁଦାନର ତୁରନ୍ତ ବିନିଯୋଗ କରିବାକୁ ପୁରାତନ ଛାତ୍ର ଛାତ୍ରୀ ମାନେ ଦାବି କରିଛନ୍ତି।

# ବିଶ୍ୱ ବାଇ ସାଇକେଲ ଦିବସ ପାଳନ



ଜୟପୁର, ୩୧୬ (ଆନିସ): ବିଶ୍ୱ ବାଇ ସାଇକେଲ ଦିବସ ପାଳନ ଅବସରରେ ଜୟପୁର ସାଇକେଲ କ୍ଲବ ଦ୍ୱିତୀୟ ଦୈନିକ ବଜାରରେ ଥିବା ସାଇକେଲ ମାର୍ଟ ଏବଂ ସାଇକେଲ କମ୍ପାନୀର ସହଯୋଗରେ ଏକ ବାଇ ସାଇକେଲ ଶୋଭାଯାତ୍ରା ସ୍ଥାନୀୟ ରଘୁନାଥ ମନ୍ଦିର ଛକ ଠାରୁ ବାହାରି ମୁଖ୍ୟ ଟ୍ରାଫିକ ଛକ ପର୍ଯ୍ୟନ୍ତ ଯାଇଥିଲା। ଆଜିର ଏହି ଦିବସରେ ସାଇକେଲ ଚଲାନ୍ତୁ ଏବଂ ସୁସ୍ଥ ରୁହନ୍ତୁ ବୋଲି ନାରା ଦେବାସହ ପେଟ୍ରୋଲ ଏବଂ ଡିଜେଲ ବଞ୍ଚାନ୍ତୁ ବୋଲି ସାଧାରଣ ଲୋକଙ୍କୁ ସଚେତନ କରିଥିଲେ। ଏହି ବିଶ୍ୱ ବାଇ ସାଇକେଲ ଦିବକୁ ପାଳନ କରିବାରେ ସିଓ୍ୱା ଅନୁଷ୍ଠାନ ସହଯୋଗ କରିଥିଲା। ଜୟପୁର ସାଇକେଲ କ୍ଲବ ପ୍ରତ୍ୟେକ ଦିନ ୨୦ ରୁ ୨୫ କିଲୋମିଟର ସାଇକେଲରେ ଯାତ୍ରା କରି ପରିବେଶ ବଞ୍ଚାଇବା, ସ୍ୱାସ୍ଥ୍ୟ ଠିକ ରଖିବା, ପାଠ ପଢିବା, ଗଛ ଲଗାଇବା ଇତ୍ୟାଦି ପ୍ରତି ସଚେତନ ବାର୍ତ୍ତା ଦେଇ ବୁଲୁଥିବା ପରିଲକ୍ଷିତ ହୋଇଛି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ନର୍ଲା,୩୧୬(ଆନିସ ): ଲାଞ୍ଜିଗଡ ବ୍ଲକ ମସ୍କାଗୁଡା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଟେନରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ବେରୁକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ଦୀର୍ଘ ଛତିଶ ବର୍ଷ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ସେବା ଯୋଗାଇ ସେ ଚାକିରୀରୁ ଅବସର ନେଇଛନ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଟେନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହା ଆଡମ୍ବର ସହିତ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ , ଗ୍ରାମବାସୀ ତଥା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ଆମଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବେଦବ୍ୟାସ ପୁଟା ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ, ସମ୍ମାନିତ ଅତିଥିଭାବେ ମସ୍କାଗୁଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ପଧାନ, ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସତ୍ୟାନନ୍ଦ ବେରୁକ, ଶିକ୍ଷକ ବିଷ୍ଣୁ ନାରାୟଣ ଭଞ୍ଜ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ୱାର୍ଡ ମେମ୍ବର ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ସୁନା ମଂଚାସୀନ ଥିଲେ କାର୍ଯ୍ୟକ୍ରମଟି ସିଆରସିସି ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷକ ବିଭୁତି ଭୂଷଣ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଲଳିତ ମୋହନ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଶିକ୍ଷକ ସନ୍ତୋଷ କୁମାର ସାହୁ, ଶିବସୁନ୍ଦର ସାହୁ, ସୁରେଶ ଚନ୍ଦ୍ର ଭୋଇ, ରତ୍ନାକର ବେରୁକ, ସଞ୍ଜୟ ବେରୁକ, ବରିଷ୍ଠ ଶିକ୍ଷକ ଭାଗିରଥି ବେରୁକ, ନିରଞ୍ଜନ ବୁଦ୍ଧିଆ ପ୍ରମୁଖ ସହଯୋଗ କରିଥିଲେ ବିଦ୍ୟାଳୟରେ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ ପରେ ଗ୍ରାମବାସୀ ପାରମ୍ପରିକ ଆଦିବାସୀ ଢ଼ାପ ବାଜାର ତାଳେ ନାଚି ନାଚି ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ବେରୁକଙ୍କୁ ଗ୍ରାମ ପରିକ୍ରମା କରି ଗୋଟେନ ଠାରୁ ମସ୍କାଗୁଡା ଗ୍ରାମ ପର୍ଯ୍ୟନ୍ତ ପାଛୋଟି ନେଇ ତାଙ୍କର ପୈତୃକ ଗୃହକୁ ପହଞ୍ଚାଇ ଥିଲେ ସାନ୍ଧ୍ୟରେ ପୁଣି ମସ୍କାଗୁଡା ଗ୍ରାମରେ ସମସ୍ତ ଗ୍ରାମବାସୀ,ନିମନ୍ତ୍ରିତ ବନ୍ଧୁ ବାନ୍ଧବ, ଛାତ୍ରଛାତ୍ରୀ ଏବଂ କ୍ଲଷ୍ଟରର ସମସ୍ତ ଶିକ୍ଷକଙ୍କ ଉପସ୍ଥିତିରେ ପୁଣିଥରେ ଶିକ୍ଷକ ଦମ୍ପତିଙ୍କୁ ବନ୍ଧାପଣା କରି ଅବସର କାଳୀନ ଶୁଭ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# କୋରାପୁଟ ଆଞ୍ଚଳିକ ପରିବହନ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍, ଦୁର୍ନୀତି ଓ ମାନବାଧିକାର ଉଲ୍ଲଂଘନର ଅଭିଯୋଗ

ଜୟପୁର,୩୧୬ (ଆନିସ): କୋରାପୁଟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ ) ଅଧୀନ ଲାଣ୍ଡିଗୁଡ଼ା ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟରରେ ବ୍ୟାପକ ଦୁର୍ନୀତି, ପ୍ରଶାସନିକ ଅବ୍ୟବସ୍ଥା ଏବଂ ମାନବାଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ ଆଣି ମାନବାଧିକାର କର୍ମୀ ତଥା ଆରଟିଆଇ କାର୍ଯ୍ୟକର୍ତ୍ତା ଅନୁପ କୁମାର ପାତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ସମୟରେ ଅନେକ ଆବେଦକଙ୍କୁ ସାମାନ୍ୟ ତ୍ରୁଟି ଦର୍ଶାଇ ଉଦ୍ଦେଶ୍ୟମୂଳକ ଭାବେ ଅସଫଳ କରାଯାଉଛି। ଏହା ଫଳରେ ଦଲାଲ ମାନେ ସକ୍ରିୟ ହୋଇ ଆବେଦକ ମାନଙ୍କଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ସେହିପରି ଖରା ଓ ତାପପ୍ରବାହ ସମୟରେ ସରକାରୀ ନିର୍ଦ୍ଦେଶାବଳୀକୁ ଅବହେଳା କରି ପ୍ରଖର ରୌଦ୍ରତାପ ମଧ୍ୟରେ ପରୀକ୍ଷା ଚାଲୁ ରଖାଯାଉଥିବା କଥା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଦୂରଦୂରାନ୍ତରୁ ଆସୁଥିବା ଆବେଦକମାନଙ୍କ ପାଇଁ ଛାୟା ପାନୀୟ ଜଳ ଓ ବସିବା ପାଇଁ ମୌଳିକ ସୁବିଧାର ଅଭାବ ଥିବା ନେଇ ମଧ୍ୟ ଉଲ୍ଲେଖ ରହିଛି।ଅଭିଯୋଗକାରୀଙ୍କ ମତରେ, ପରିବହନ ବିଭାଗ ପକ୍ଷରୁ ଟ୍ରାଫିକ ନିୟମ ଉଲ୍ଲଂଘନ ଓ ଓଭରଲୋଡିଂ ଭଳି ଘଟଣା ଉପରେ ଯଥେଷ୍ଟ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ବେଳେ ସାଧାରଣ ନାଗରିକଙ୍କୁ ଅଯଥା ହଇରାଣ କରାଯାଉଛି।ଏହି ସମସ୍ତ ଘଟଣାର ନିରପେକ୍ଷ ଭିଜିଲାନ୍ସ ତଦନ୍ତ କରିବା, ଡ୍ରାଇଭିଂ ଟେଷ୍ଟରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା କରିବା, ତାପପ୍ରବାହ ନିୟମାବଳୀର କଡ଼ା ପାଳନ ସୁନିଶ୍ଚିତ କରିବା ସହ ଲାଣ୍ଡିଗୁଡ଼ା ଟେଷ୍ଟିଂ ସେଣ୍ଟରରେ ଆବଶ୍ୟକ ମୌଳିକ ସୁବିଧା ଯୋଗାଇଦେବାକୁ ଶ୍ରୀ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ପିସି କାରବାର ପ୍ରସଙ୍ଗରେ କୋରାପୁଟ ସାଂସଦ ଓ ଲକ୍ଷ୍ମୀପୁର ବିଧାୟକଙ୍କ କୁଶପୁତ୍ତଳିକା ଦାହ



ଜୟପୁର,୩୧୬ (ଆନିସ): ପିସି କାରବାର ପ୍ରସଙ୍ଗ ସହ ବିକାଶମୂଳକ କାର୍ଯ୍ୟରେ କୋରାପୁଟ ସାଂସଦ ଓ ଲକ୍ଷ୍ମୀପୁର ବିଧାୟକଙ୍କ ହସ୍ତକ୍ଷେପକୁ ବିରୋଧ କରି ଲକ୍ଷ୍ମୀପୁର ବ୍ଲକ ବିଜେପି ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିଲା।ବିଜେପି କର୍ମୀମାନେ ଦଳୀୟ ପତାକା ଧରି ରେଳବାଇ ଛକରୁ ଶୋଭାଯାତ୍ରାରେ ବାହାରି ଆମ୍ବେଦକର ଛକରେ ପହଞ୍ଚିଥିଲେ। ସେଠାରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଦଳୀୟ କର୍ମୀମାନେ ଭାଷଣ ବାଜି କରିବା ସହ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ବାଚସ୍ପତି ଓ ଲୋକସଭା ବାଚସ୍ପତିଙ୍କ ଉଦ୍ଦେଶ୍ୟରେ ଆଠ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।ଦାବିପତ୍ରରେ ସାଂସଦ ଓ ବିଧାୟକ ବିକାଶମୂଳକ କାର୍ଯ୍ୟରେ ଦଶ ପ୍ରତିଶତ ପିସି ଆଦାୟ କରୁଥିବା ଅଭିଯୋଗ ଉଠାଯାଇଥିବା ବେଳେ ସେମାନଙ୍କ ଇସ୍ତଫା ଦାବି ସହ ଅନ୍ୟାନ୍ୟ ଦାବି ମଧ୍ୟ ଉଲ୍ଲେଖ କରାଯାଇଛି।

# ବହୁ ପ୍ରତୀକ୍ଷାର ଅନ୍ତ, ଅମ୍ବାଦଳାରେ ଦଧିବାମନ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ



ମୁନିଗୁଡା,୩୧୬(ଆନିସ): ଅମ୍ବାଦଳା ଅଞ୍ଚଳରେ ଶ୍ରୀଶ୍ରୀ ଦଧିବାମନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିର ପ୍ରତିଷ୍ଠା ମହୋତ୍ସବକୁ ସୁଚାରୁରୂପେ ସମ୍ପନ୍ନ କରିବା, ଭକ୍ତମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା, ଧାର୍ମିକ କାର୍ଯ୍ୟକ୍ରମର ରୂପରେଖା ଓ ବିଭିନ୍ନ କମିଟି ଗଠନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

ସୂଚନା ଅନୁସାରେ, ଦଧିବାମନ ମନ୍ଦିର ନିର୍ମାଣ ହୋଇ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇପାରିନଥିଲା। ଫଳରେ ମହାପ୍ରଭୁ ଦଧିବାମନ ଆଜବେଷ୍ଟ ଘରେ ପୂଜା ପାଇ ଆସୁଥିଲେ। ଏହି ସମୟ ମଧ୍ୟରେ ମନ୍ଦିର ଉପରେ ଏକ ବିରାଟ ବଟବୃକ୍ଷ ଉଠିଯାଇଥିବା ବେଳେ ମନ୍ଦିର ପ୍ରତିଷ୍ଠା ବିଳମ୍ବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ବିଭିନ୍ନ ଆଲୋଚନା ଦେଖାଦେଇଥିଲା। ତେବେ ବହୁ ବର୍ଷର ପ୍ରତୀକ୍ଷା ପରେ ଶେଷରେ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିବାକୁ ସ୍ଥିର କରାଯାଇଛି। ବୈଠକରେ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥି ତଥା ଇଂରାଜୀ ମାସର ୨୦ ତାରିଖ ଶନିବାରଠାରୁ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହେବ। ବିଭିନ୍ନ ବୈଦିକ ନୀତିକାନ୍ତି, ଯଜ୍ଞ ଓ ପୂଜାର୍ଚ୍ଚନା ମାଧ୍ୟମରେ ୨୪ ତାରିଖରେ ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ ହେବ। ଏହି ଅବସରରେ ଅଞ୍ଚଳର ବହୁ ଧର୍ମପ୍ରାଣ ବ୍ୟକ୍ତି, ସମାଜସେବୀ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକୁ ସଫଳ କରିବା ପାଇଁ ସର୍ବସାଧାରଣଙ୍କ ସହଯୋଗ ଓ ସକ୍ରିୟ ଭାଗୀଦାରି ଉପରେ ଗୁରୁତ୍ୱାରୋପ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଦଧିବାମନ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଅମ୍ବାଦଳା ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରିବେଶକୁ ଆହୁରି ସମୃଦ୍ଧ କରିବ। ବୈଠକ ଶେଷରେ ମନ୍ଦିର ପ୍ରତିଷ୍ଠା ମହୋତ୍ସବକୁ ଭବ୍ୟ ଓ ସଫଳ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

# ବାଲି ଚୋରା ଚାଲାଣ ନେଇ ଜିଲ୍ଲା ଯୁବ ବିଜେଡି ଏବଂ ଛାତ୍ର ବିଜେଡି ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ମାଲକାନଗିରି, ୩୧୫ (ଆନିସ): ମାଲକାନଗିରି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଆଜି ବିଜେଡି ଜିଲ୍ଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲିଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଙ୍କ ଉପସ୍ଥିତିରେ ମାଲକାନଗିରି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ମାଲକାନଗିରି ଜିଲ୍ଲାରେ ବାଲି ଚୋରା ଚାଲାଣ ହେଉଥିବା ନେଇ ଏକ ଦାବିପତ୍ର ପ୍ରଦନ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ,ମାଲକାନଗିରି ଜିଲ୍ଲା ର ୨୫ଟି ଘାଟ ମଧ୍ୟରୁ ମାତ୍ର ୮ଟି ଘାଟର ଲିଜ୍ ବୈଧ ରହିଛି ଅନ୍ୟ ଘାଟର ଲିଜ୍ ଅବଧି ସରି ଯାଇଥିଲେ ମଧ୍ୟ ମାଫିଆ ଦିନକୁ ଦିନ ଶହ ଶହ ଗାଡ଼ି ବାଲି ଲୁଟ କରୁଛନ୍ତି । କିଛି ଅସାଧୁ ମେଣ୍ଟ ଏହି ରାକେଟକୁ ଚଲାଉଥିବା ବେଳେ ଖଣି ବିଭାଗ ସଲାସୁତୁରା ହୋଇ ଚୁପ୍ ବସିଛି । କର୍ମଚାରୀ ଅଭାବ ଦର୍ଶାଇ ଚଢ଼ଉ କରୁନଥିବାରୁ ବେଫିକର ହୋଇ ମାଫିଆ ବାଲି ଚୋରାଚାଲାଣ କରି ଲକ୍ଷାଧିକ ଟଙ୍କାର ମୁନାଫା କମାଉଛନ୍ତି । କିଛି ଘାଟରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ଖଣି ବିଭାଗ ଜବତ କରି ଗୋଟିଏ ସ୍ଥାନରେ ଗଚ୍ଛିତ କରି ସ୍ୱଟ ଅକ୍ସନ ମାଧ୍ୟମରେ ପୁଣି ସେହି ବାଲିକୁ ରୟାଲଟି ଓ ପେନାଲ୍ଟି ରସିଦ କାଟି ମାଫିଆଙ୍କୁ ଦିଆ ଯାଉଛି । କିଛି ଘାଟ ଏମିତି ରହିଛି ଯାହା ଖଣି ବିଭାଗର ନଜରରେ ଓ ରେକର୍ଡରେ ନାହିଁ ଜିଲ୍ଲାର ସିଖପାଲୀ, କମଳାପଦର, ଚିତାପାରି, ଗୋବିନ୍ଦପାଲ୍ଲୀ, ଗୋଟିଗୁଡା, ଗଙ୍ଗରାଜଗୁମା, ଖଇରାପାଲି ଏବଂ ଚାଉଳମେନ୍ଦି ବାଲି ଘାଟର ଟେଣ୍ଡର ହୋଇଥିବା ବେଳେ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ବୈଧ ରହିଛି ଘାଟ ଗୁଡିକ ରେ ବାଲି ପରିମାଣ କମ ଥିବାରୁ ଅଧିକାଂଶ ଘାଟ ବନ୍ଦ ପଡିଛି। ଫଳରେ ମାଫିଆ ଲିଜ୍ ହୋଇନଥିବା ଘାଟରୁ ଚୋରାଚାଲାଣ କରୁଛନ୍ତି ବିଳମ୍ବିତ ରାତିରେ ଶତାକ ଟିପର ବାଲି ଚୋରାଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକଙ୍କୁ ନିର୍ମାଣ କାର୍ଯ୍ୟ ଲାଗି ବାଲି ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେଉଁ ବାଲି ଚୋରାରେ ମିଳୁଛି ତାହାର ଆକାଶଛୁଆଁ ହୋଇଥିବାରୁ ସ୍ଥାନୀୟ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀ ହେଉଛନ୍ତି ଏପରିକି ଆବାସ ଯୋଜନା ହିତାଧୁକାରୀ ଟ୍ରାକ୍ଟର ରେ ବାଲି ନେଉଥିବା ବେଳେ ପୋଲିସ ପ୍ରଶାସନ ଟ୍ରାକ୍ଟର କୁ ଜବତ କରୁଛି, ଫଳରେ ଆବାସ ଘର କାମ ଅଗ୍ରଗତି ହୋଇପାରୁନାହିଁ। ।ଅନ୍ୟପକ୍ଷେ ଜିଲ୍ଲାରେ ରହିଥିବା ଓର୍କେଲ, ଗିରକାନପଲ୍ଲୀ, ମାରନାପାଲି, ତମାନପାଲି, ତେଲିଗୁଡା, ଭେଙ୍କେଟପାଲମ, ମହେଶ୍ୱରପୁର, ଚିତୁପାଲି–ଏ, ଚିତୁପାଲୀ–ବି. କୋଡେମେଡଲା ପୁଲିମେଡଲା, ମାଳିଗୁଡା, ପାଙ୍ଗାମ, ପୋଡାଗୁଡା, ମେକା, ଧୂଙ୍ଗିଆପୁଟ ଏବଂ ମୋଟୁ ବାଲିଘାଟର ଟେଣ୍ଡର ବିଭାଗ ଆଜି ପର୍ଯ୍ୟନ୍ତ କାହିଁକି କରୁନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାଲକାନଗିରି ଜିଲ୍ଲା ଯୁବ ବିଜେଡି ଓ ଛାତ୍ର ବିଜେଡି ତରଫରୁ ଏ ଦିଗରେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି ନ ହେଲେ ଆଗାମୀ ୧୫ ଦିନ ମଧ୍ୟରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ ରାସ୍ତାରେ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ସମ୍ପାଦକ କେ .ରାହୁଲ , ବିଜେଡି ଜିଲ୍ଲା ଛାତ୍ର ସଭାପତି ସୁବ୍ରତ କୁମାର ଦାସ , ମାଲକାନଗିରି ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଯୁବ ବିଜେଡି ନେତା ସୁଦର୍ଶନ କୋପେ ,ସତ୍ୟଜିତ ଗୌଡ଼ ,ରାକେଶ ମଣ୍ଡଳ ,ଗୌରଭ ସଗାଡ଼ିଆ ,ଅଜୟ ବାଘ , ଶୁଭ୍ରାଂଶୁ ପରିଛା ,ଦେବନନ୍ଦ ଖିଲ ପ୍ରମୁଖ ଙ୍କ ସହ ମାଲକାନଗିରି ଜିଲ୍ଲା ଯୁବ ବିଜେଡି ଓ ଛାତ୍ର ବିଜେଡି ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ପୁରୀରେ ବିଜେପି ସରକାରକୁ ବଦନାମ ଷଡ଼ଯନ୍ତ୍ର!

# ସ୍ୱର୍ଗଦ୍ୱାରରେ ଶବ ସତ୍କାର ନାମରେ ଲୁଟ୍ ଚାଲିଛି

ପୁରୀ, ୩।୬ (ଆନିସ):ପୁରୀ ସ୍ୱର୍ଗଦ୍ୱାର ରେ ହରିଶ୍ଚନ୍ଦ୍ର ଯୋଜନା ଏକ ଜନକଲ୍ୟାଣ ଯୋଜନା,



ଯାହା ପୂର୍ବ ସରକାର ସମୟରେ ଆରମ୍ଭ ହୋଇଅଛି ଏହି ଯୋଜନା ରେ ଗରିବ, ନିରାଶ୍ରୟ ଓଡିଶା ବାସୀଙ୍କ ସେଥି ପାଇଁ କିନ୍ତୁ ଏହା ବିପରୀତ ଭାବରେ ଅର୍ଥାତ, ଗରିବ ନିରାଶ୍ରୟା ଲୋକଙ୍କୁ ଲୁଟୁଛନ୍ତି ସ୍ୱର୍ଗଦ୍ୱାର ମ୍ୟାନେଜମେଣ୍ଟ କମିଟି ଏପରି ପରିସ୍ଥିତି ଉପୁଜିବା ଫଳରେ, ସାଧାରଣତଃ ଗରିବ ଜନସାଧାରଣ ମନେ ମନେ ଖୋଜୁଛନ୍ତି ପୂ ବିଜେଡି ସରକାର ନୀନ ପଟନାୟକ ଏବଂ ଫାଇବ-ଟି ସଚିବ ଭି କେ ପାଣ୍ଡିଆନ ମହୋଦୟଙ୍କୁ ସାଧାରଣ ରେ ଚର୍ଚ୍ଚା ହେଉଛି ପୁରୀ ମୁଖିଆମାନେ କଣ,ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହୋଦୟ ଙ୍କ ଚାପରେ, ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ବଦନାମ କରୁଛନ୍ତି ସାଧାରଣ ରେ ଚର୍ଚ୍ଚା। ହେଉଛି, ଯଦି ଓଡିଶାରେ ଧର୍ମେନ୍ଦ୍ର ପ୍ରଧାନ କିମ୍ବା ଅପରିଜିତା ସଡଙ୍ଗି ,ଓଡିଶାରୁ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ ଓଡିଶାକୁ ଠିକ ଭାବରେ, ପୂବ ସରକାର ନବୀନ ପଟ୍ଟନାୟକ, ଭି .କେ ପାଣ୍ଡିଆନ ପରି ଚଲାଇଥାନ୍ତେ ପୁରୀ ଜଗତର ନାଥ ଜଗନ୍ନାଥ ଧାମ ରେ ଥିବା ସ୍ୱର୍ଗଦ୍ୱାର ରେ ଶବଦାହ କଲେ ଆତ୍ମା ସ୍ୱର୍ଗପ୍ରାପ୍ତି ହୋଇ ଥାଏ ଏହି ବିଶ୍ୱାସ ନେଇ ଓଡିଶା ର କୋଣ ଅନୁକୋଣ ରୁ, ନିଜ ନିଜ ଆତ୍ମୀୟ ମାନଙ୍କର ଶବଦାହ କରିବାକୁ ଆସିଥାନ୍ତି ଏହାର ସୁଯୋଗ ନେଇ ପୁରୀ ସ୍ୱର୍ଗଦ୍ୱାର ରେ ଥିବା ବହୁ ଦଲାଲ ଶୋଷଣ କରୁଛନ୍ତି ଏହି ଶୋଷଣ ବନ୍ଦ ହେବା ଉଦେଶ୍ୟ ରଖି ପୂବ ବିଜେଡି ସରକାର, ମାନ୍ୟବର ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ, ଫାଇବ. ଟି ସଚିବ ଭି.କେ ପାଣ୍ଡିଆନ ଙ୍କୁ ସ୍ୱର୍ଗଦ୍ୱାର ଉନ୍ନତି କରଣ ସହିତ୍ ସାଧାରଣ ଗରିବ ବାସିନ୍ଦା କ ପାଇଁ ହରିଶନ୍ଦ୍ର ଯୋଜନାରେ ବିନା-ଖର୍ଚ୍ଚ ରେ ଶବଦାହ କିପରି ହୋଇ ପାରିବାଲାଗି ଏହି ଯୋଜନା ଆରମ୍ଭ କରିଥିଲେ । ଏହାର ଦାଇତ୍ୱ ପୁରୀ ଉପଜିଲ୍ଲାପାଳ ଅଧିନରେ ରହିବା ସହିତ ଏବଂ ପାଣ୍ଡିଆନ ଙ୍କ ଭୟରେ ପୁରୀସ୍ୱର୍ଗଦ୍ୱାର ସମ୍ପୁର୍ଣ ଦଲାଲ ମୁକ୍ତ ହେଇଥିଲା ଏଥିପାଇଁ ସ୍ୱର୍ଗଦ୍ୱାର ରେ ଦେଢ କୁଇଣ୍ଟାଲ କାଠ ସହିତ ଅନ୍ୟାନ୍ୟ ସାମାଗ୍ରୀ ମିଳିବା ସହିତ ପ୍ରତ୍ୟକ ଶବଦାହ ପାଇଂ ବ୍ରାହ୍ମଣଙ୍କୁ ପୂଜାଧି କରିବା ପାଇଁ ୪୫୦/-ଏବଂ ଶବ ଦାହ ପାଇଁ ୬୫୦/-ମିଳୁଥିଲା କିନ୍ତୁ ସରକାର ବଦଳିବା ପରେ, କିଛିଦିନ ଠିକ-ଠାକ ଚାଲିବା ପରେ ଏବେ ବ୍ରାହ୍ମଣ ୫୦୦ଟଙ୍କା ଏବଂ ଶବଦାହ କରୁଥିବା ବ୍ୟକ୍ତି ୧୦୦୦ଟଙ୍କା ଜୋର ଜବରଦସ୍ତ ନେଇ ଏଥିରୁ ଅଧା ଟଙ୍କା ମ୍ୟାନେଜ ମେଣ୍ଟ ନେଇ, ଏହି ମେନେଜ ମେଣ୍ଟ ମୁଖିଆ ଏହି ଟଙ୍କା ସ୍ୱର୍ଗଦ୍ୱାର ଦାୟିତ୍ୱ ରେ ଥିବା ଉପଜିଲ୍ଲାପାଳ ନେବା ଯୋଗୁଁ ଓଡିଶା ବିଜେପି ମୋହନ ସରକାର ବଦନାମ କରିବାକୁ,ବଡ ସୁଚିନ୍ତିତ ଯୋଜନା ବୋଲି ପୁରୀ ପ୍ରଶାସନ ର ପୁରୀ ଉପ-ଜିଲ୍ଲାପାଳଙ୍କର ଉଦେଶ୍ୟ ବୋଲି ସାଧାରଣତଃ ଚର୍ଚ୍ଚ ହେଉଛି । ଏହାର ଏକ ଭିଡିଓ ସୋସାଲ ମିଡିଆରେ ଭାଇରାଲ ହେଉଛି ।

### କେସି କ୍ଲବ୍ ଆନୁକୂଲ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର

# ୧୧୫ ରୋଗୀ ଗ୍ରହଣ କଲେ ମାଗଣା ଚିକିତ୍ସା ସେବା

ନୟାଗଡ଼,୩।୬ (ଆନିସ): ନୟାଗଡ଼ ଜିଲ୍ଲାର ଅଗ୍ରଣୀ ତଥା ସର୍ବପୁରାତନ ସାମାଜିକ ଅନୁଷ୍ଠାନ କେସି କ୍ଲବ୍ ପରିସରରେ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜ୍ୟର କେତେକ ପ୍ରତିଷ୍ଠିତ ଓ ସୁନାମଧନ୍ୟ ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ଶିବିରରେ ଭୁବନେଶ୍ୱରର ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡା. ଶ୍ରୀତମ ଆଚାର୍ଯ୍ୟ, ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ସତ୍ୟବ୍ରତ ସାହୁ, ମୂତ୍ରରୋଗ ବିଶେଷଜ୍ଞ ଡା. ଆଦିତ୍ୟନନ୍ଦ ମହାପାତ୍ର ଏବଂ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ପୁରୁଷୋତ୍ତମ ସ୍ୱାଇଁ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା



କରିବା ସହ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଦେଇଥିଲେ। ଏଥି ସହ ରୋଗୀ ମାନଙ୍କର ମାଗଣାରେ ରକ୍ତ ଶର୍କରା ଏବଂ ଇସିଜି ପରୀକ୍ଷା ମଧ୍ୟ କରାଯାଇଥିଲା। କେସି କ୍ଲବ୍ର ସଭାପତି ଭାଗିରଥି ଦାସ ଓ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂହଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ଅଞ୍ଚଳର ମୋଟ ୧୧୫ ଜଣ ରୋଗୀ ଉପସ୍ଥିତ ରହି ସେବା ଗ୍ରହଣ କରିଥିଲେ। ଏହ ଟି କାର୍ଯ୍ୟକ୍ରମକୁ ସଫଳ କରିବାରେ କ୍ଲବ୍ର ଉପସଭାପତି ଭବାନୀ ଶଙ୍କର ଦାସ, ସହ ସମ୍ପାଦକ ଚନ୍ଦନ ମହାପାତ୍ର, କୋଷାଧ୍ୟକ୍ଷ ଶାରଦା ପ୍ରସାଦ ମହାପାତ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ତଥା କ୍ଲବ୍ ସଦସ୍ୟ ରାମକୃଷ୍ଣ ରଥ, ସନ୍ତୋଷ ପଟ୍ଟନାୟକ, ପୂର୍ଣ୍ଣେନ୍ଦୁ ମାନସିଂହ, ଉମାଶଙ୍କର ମିଶ୍ର, ଦେବୀପ୍ରସାଦ ସାହୁ ଓ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। କେସି କ୍ଲବ୍ର ଏଭଳି ଜନହିତକର ଓ ଅଭିନବ ପ୍ରୟାସକୁ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଉଚ୍ଚ ପ୍ରଶଂସା କରାଯାଇଛି।

# ଭାଜପା ଲେଫ୍ରିପଡ଼ା ମଣ୍ଡଳର ମାସିକ ବୃତ୍ତ ବୈଠକ

ସୁନ୍ଦରଗଡ଼,୦୩/୦୬(ଆନିସ): ଭାରତୀୟ ଜନତା ପାର୍ଟି ଲେଫ୍ରିପଡ଼ା ମଣ୍ଡଳ ପକ୍ଷରୁ ବଡ଼ବଙ୍ଗା ଗ୍ରାମଠାରେ ମଣ୍ଡଳ ସଭାପତି



ସୁମନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ମଣ୍ଡଳ ସ୍ତରୀୟ ମାସିକ ବୃତ୍ତ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଗଠନର ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରାଯିବା ସହ ଆଗାମୀ ସାଂଗଠନିକ କାର୍ଯ୍ୟଯୋଜନା ଓ ଜନସମ୍ପର୍କ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ବ୍ୟାପକ ଆଲୋଚନା ହୋଇଥିଲା।

ଏହି ବୈଠକରେ ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବୋଧିତ କରି ଥିଲେ। ସେ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳତା ତଥା ରାଜ୍ୟ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ଜନସମ୍ପର୍କ ଓ ଜନଜାଗରଣ ଅଭିଯାନକୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ବୁଥ ସ୍ତରରେ ସଫଳତାର ସହ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଏସଆଇଆର କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ କି ବାତ', ଶକ୍ତିକେନ୍ଦ୍ର ଓ ବୁଥ ସ୍ତରୀୟ ମାସିକ ବୃତ୍ତ ବୈଠକକୁ ଅଧିକ ସୁଦୃଢ଼ ଏବଂ କ୍ରିୟାଶୀଳ କରିବା, ସଂଗଠନ ବିସ୍ତାରକୁ ଗୁରୁତ୍ୱ ଦେବା ତଥା ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ରୁପେଶ ପଟେଲ, ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପଟେଲ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିମଳ ପଟେଲ ପ୍ରମୁଖ ଉପସ୍ଥିତ ରହି ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ସଶକ୍ତ କରିବା ଉପରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଉପ ସଭାପତି ପରମେଶ୍ୱର ନାଏକ, ଦର୍ଲିପାଲି ଶକ୍ତିକେନ୍ଦ୍ର ପ୍ରମୁଖ ସୁନୀଲ ପଟେଲ, ମଣ୍ଡଳ ସାଧାରଣ ସମ୍ପାଦକ ସତ୍ୟମ ପଟେଲ ଓ ଦୀପକ ପଟେଲ, ବରିଷ୍ଠ ମହିଳା ନେତ୍ରୀ ଜୟନ୍ତୀ ପଟେଲ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ ପଟେଲ, ଯୁବ ମୋର୍ଚ୍ଚା ସଭାପତି ଆକାଶ ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି ଶିଶିର କୁମାର ପଟେଲ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତରଣୀସେନ ମହାନନ୍ଦିଆ, ଓବିସି ମୋର୍ଚ୍ଚା ସଭାପତି ପ୍ରଭଞ୍ଜନ ପଟେଲଙ୍କ ସମେତ ମଣ୍ଡଳର ସମସ୍ତ ପଦାଧିକାରୀ, ମୋର୍ଚ୍ଚା କର୍ମକର୍ତ୍ତା, ଶକ୍ତିକେନ୍ଦ୍ର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧ ବାର୍ଷିକ

## ବିଜେଡି ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ




ନୟାଗଡ଼, ୩।୬ (ଆନିସ): ନୟାଗଡ଼ର ଜନମାନ୍ୟ ନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଗଠନଠାରୁ ଆରମ୍ଭ କରି ବିକଶିତ ନୟାଗଡ଼ ମୂଳଦୁଆ ପକାଇଥିବା ନେତା ଶ୍ରୀଯୁକ୍ତ ବେହେରାଙ୍କ ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବ୍ଲକ୍ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ଗୋଲେଇ ଛକରେ ଅବସ୍ଥିତ ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ବ୍ଲକ୍ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ଅନେକ କାଉନସିଲର, ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ।

# ବିଜେପିରେ ରହି ବିଜେଡିର ରାଜନୀତି!

- ଗୌତମ ରାୟଙ୍କ ଭୂମିକାକୁ ନେଇ ବଢୁଛି ପ୍ରଶ୍ନ
- ବିଜେଡି ନେତା ଓ ଠିକାଦାରଙ୍କ ପାଇଁ ରେଡ୍ କାର୍ପେଟ୍, ବିଜେପି କର୍ମୀଙ୍କ ପାଇଁ ୱେଟିଂ ଲିଷ୍ଟ!

ଯାଜପୁର,୩/୬(ଆନିସ): ଯାଜପୁର ବିଧାନସଭା କ୍ଷେତ୍ରରେ ବିଜେପି ସଂଗଠନକୁ ନେଇ ଏବେ ଦଳୀୟ ମହଲରେ ନାନା ପ୍ରଶ୍ନ ଉଠୁଛି। ବିଶେଷ କରି ଯାଜପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଗୌତମ ରାୟଙ୍କ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ ଦେଖାଦେଇଥିବା ଚର୍ଚ୍ଚା ହେଉଛି। ଦଳର କିଛି କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ବର୍ଷ ବର୍ଷ ଧରି ବିଜେପି ପାଇଁ ସଂଗ୍ରାମ କରୁଥିବା କର୍ମୀ ଓ ନେତାମାନଙ୍କୁ ଉପେକ୍ଷା କରାଯାଉଥିବା ବେଳେ, ବିଜେଡି ସହ ସମ୍ପୃକ୍ତ ବ୍ୟକ୍ତି ଓ ଠିକାଦାରମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି।

ରାଜନୈତିକ ମହଲରେ ଆଲୋଚନା ହେଉଛି ଯେ, ବିଜେଡିର ପ୍ରଭାବଶାଳୀ ନେତା ତଥା ଦଳର ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ନିହାର ମାନ୍ଧାତା, ଦିଲନ କର ଓ ରାଜେଶ ମହାପାତ୍ରଙ୍କ ସହ ଗୌତମ ରାୟଙ୍କ ନିକଟତାକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି ହୋଇଛି। କିଛି କର୍ମୀଙ୍କ ମତରେ, ଯଦି ବିଜେପିର ସଂଗଠନକୁ ମଜବୁତ କରିବା ଲକ୍ଷ୍ୟ, ତେବେ ପୁରୁଣା ଓ ନିଷ୍ଠାବାନ କର୍ମୀମାନଙ୍କୁ ଅଗ୍ରାଧିକାର ମିଳିବା ଉଚିତ। କିନ୍ତୁ ବର୍ତ୍ତମାନ ଦଳର ଭିତରେ ଏମିତି ଏକ ପରିସ୍ଥିତି ସୃଷ୍ଟି ହୋଇଛି, ଯେଉଁଠାରେ ବିଜେଡି ପୃଷ୍ଠଭୂମିର ବ୍ୟକ୍ତିମାନେ ଅଧିକ ସୁଯୋଗ ପାଉଥିବା ବେଳେ ବିଜେପିର ସକ୍ରିୟ କର୍ମୀମାନେ କୋଣଠେସା ହେଉଥିବା ଅଭିଯୋଗ ଉଠୁଛି। ଆଗାମୀ ଦିନରେ ଏହି ପ୍ରସଙ୍ଗ ଯାଜପୁର ବିଜେପି ରାଜନୀତିରେ ଏକ ବଡ଼ ଚର୍ଚ୍ଚାର ବିଷୟ ହେବାର ସମ୍ଭାବନା ରହିଛି।

# ଖୋର୍ଦ୍ଧା ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା, ୩।୬ (ଆନିସ): ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସଭା ଗୃହରେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପରେ ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଓ ଫୁଲ ଚାରା କୁଣ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ବୈଠକର ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ ଙ୍କ ଅଭିଭାଷଣ ପରେ ପୂର୍ବ ବୈଠକର ବିବରଣୀକୁ ଆଲୋଚନା କ୍ରମେ ଦୃଢ଼ୀକରଣ କରାଯାଇଥିଲା ବୈଠକରେ ମାନ୍ୟବର ବିଧାୟକ ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ କହିଲେ ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡିଶା ଓ ବିକଶିତ ଭାରତର ପ୍ରମୁଖ ଅଙ୍ଗ ଭାବେ ପରିଚିତ କରାଇବା ନିମନ୍ତେ ସମସ୍ତ ଜନ ପ୍ରତିନିଧି ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ଶ୍ରୀଯୁକ୍ତ ଜଗଦେବ କହିଥିଲେ ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିବାରେ ଆଗକୁ ବଢି ଚାଲିଛି ଯାହା ଆମ ପାଇଁ ଗୌରବ ସମସ୍ତ ଅଧିକାରୀ ବିଭିନ ପ୍ରକଳ୍ପ ପ୍ରସ୍ତାବ ସୁପାରିଶ ସମୟରେ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ବିଧିବଦ୍ଧ ସରକାରଙ୍କ ନିୟମ ଅନୁସାରେ ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରନ୍ତୁ ବୈଠକ ରେ ମାନ୍ୟବର ବିଧାୟକ ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ଯୋଗ ଦେଇ କହିଲେ ସରକାରୀ ଅଧିକାରୀ ଓ ଜନପ୍ରତିନିଧି ପରସ୍ପର ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଖୋର୍ଦ୍ଧା ଜିଲ୍ଲାର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ସାହୁ ନିଜ ଅଞ୍ଚଳର ବିଦ୍ୟୁତ ସରବରାହରେ ଲୋ ଭୋଲ୍ଟେଜ,ବିଦ୍ୟୁତ କାଟ ଏବଂ ନଳକୂପ ଖନନ ଦିଗରେ ଗୁରୁତ୍ୱାରୋପ କରିଥିଲେ ମାନ୍ୟବର ବିଧାୟକ ଜୟଦେବ ଶ୍ରୀଯୁକ୍ତ ନବକିଶୋର ମଲ୍ଲିକ ଯୋଗ ଦେଇ କହିଲେ ଯେ ପ୍ରଶାସନ ଓ ପ୍ରତିନିଧି ନିଜ ଅଂଚଳର ବିକାଶ ଏବଂ ଜିଲ୍ଲାର ବିକାଶ ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବା କୁ ପରାମର୍ଶ ଦେଇଥିଲେ ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ କହିଲେ ଯେ ପଂଚାୟତ ସମିତି ଅଧକ୍ଷ ଅଧକ୍ଷା ଏବଂ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ନିଜ ନିଜ ଅଂଚଳରେ ଥିବା ସମସ୍ୟା ଉପରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ ଉକ୍ତ ପରାମର୍ଶ ଗୁଡିକୁ ସଂପୃକ୍ତ ବିଡ଼ିଓ ଓ ସମ୍ପୃକ୍ତ ଅଧିକାରୀ ପ୍ରସ୍ତାବ ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରି ଅନୁମୋଦନ ନିମନ୍ତେ ଜିଲ୍ଲା ପରିଷଦକୁ ପଠାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ବୈଠକରେ ବୋଲଗଡ ବ୍ଲକ ର ୨୭ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ନିଜ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବୈଠକରେ ପ୍ରସ୍ତାବ ଆଗତ କରିଥିଲେ ସେହିପରି ଚିଲିକା ବ୍ଲକ ର ଚାରି ନମ୍ବର ଜୋନ ର ଜିଲ୍ଲା ପରିଷଦ ସଦସ୍ୟା,ନାଚୁଣୀରେ ନଳକୂପ ଖନନ, ଖୋର୍ଦ୍ଧା ବ୍ଲକ ର ୭ ନମ୍ବର ଜିଲାପରିଷଦ ଜୋନ୍ ର ଜିଲ୍ଲା ପରିଷଦ ସଦସ୍ୟା ଛତାବର ବଜାର, ଓ ଗଙ୍ଗ ପଡା ସ୍କୁଲ ଆଦିରେ ନଳକୂପ ଖନନ ପାଇଁ ପ୍ରସ୍ତାବ ମାନ ଆଗତ କରିଥିଲେ ଏହି କ୍ରମେ ମାନ୍ୟବର ବିଧାୟକ ଖୋର୍ଦ୍ଧା ତଥା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ଜଗଦେବ କହିଲେ ଅଗ୍ରାଧିକାର ଭିତ୍ତିରେ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ୪ ଗୋଟି ନଳ କୂପର ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ ମାନ୍ୟବର ଜୟଦେବ ବିଧାୟକ ଶ୍ରୀଯୁକ୍ତ ମଲ୍ଲିକ ଭଲ ପାଣି ପଡୁଥିବା ଲେୟାର ପର୍ଯନ୍ତ ନଳକୂପ ଖୋଳି ବସାଇବା, ବାଲିଅନ୍ତା ବ୍ଲକ ୧୬ ନମ୍ବର ଜିଲ୍ଲା ପରିଷଦ ଜୋନ ଅଂଚଳରେ ନଳକୂପ ରେ ଆସୁଥିବା ଲୌହ ମିଶ୍ରିତ ଜଳ ସମାଧାନ କରିବା ଦିଗରେ ବୈଠକରେ ଜିଲ୍ଲାପାଳ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳକୁ ନିର୍ଦ୍ଦେଶ ଦେଇଥିଲେ ପଂଚାୟତ ମାନଙ୍କରେ କେତେକ ସୋଲାର ଲାଇଟ ନ ଜଳିବା ଓ ଏହାର ସମାଧାନ ଉପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶ୍ରୀ ସାହୁ ସ୍ପଷ୍ଟି କରଣ ରଖିଥିଲେ ବେଗୁନିଆ ବ୍ଲକ ୨୪ ନମ୍ବର ଜୋନ୍ ରେ ସଦଶ୍ୟାଙ୍କ ପ୍ରସ୍ତାବ ହାତି ମାନଙ୍କ ଉପଦ୍ର ଓ ଏହାର ସମାଧାନ ଉପରେ ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା ଶ୍ରୀ ଲାଡେ ଗଜାନନ ଦୟାନନ୍ଦ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ଏଥି ସହ ମାନ୍ୟବର ବିଧାୟକ ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ଜଗଦେବ ଜୟଦେବ ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନ୍ନୟନ ରାସ୍ତା ଅଗ୍ରଗତି , ୨୦୨୫ -୨୬ ରାସ୍ତା ଟେଣ୍ଡର କାର୍ଯ୍ୟର ଅଗ୍ରଗତି, ଗ୍ରାମ୍ୟ ଉନ୍ନୟନ ଡିଭିଜନ ଖୋର୍ଦ୍ଧା , ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଡିଭିଜନ, ଖୋର୍ଦ୍ଧା ଏବଂ ୱାଟକୋ ଡିଭିଜନ, ଖୋର୍ଦ୍ଧା ଅତିରିକ୍ତ କାର୍ଯ୍ୟାଳୟ କାର୍ଯ୍ୟକାରିତା,ବାଣପୁର ବରଡିହ ବିଜୁ ସେତୁ ଯୋଜନା , ୩୦ ନମ୍ବର ଜୋନ ଗ୍ରାମ୍ୟ ଉନ୍ନୟନ ରାସ୍ତା ଅଗ୍ରଗତି , ହାଂସପାଳରୁ ଅଭୟମୁଖି ପୂର୍ତ୍ତ ବିଭାଗ ରାସ୍ତା ମରାମତି , ଟଙ୍କ ପାଣି ପୂର୍ତ୍ତ ବିଭାଗ ରାସ୍ତା ମରମତି ,ଜଟଣୀ ବ୍ଲକ ର ସିଙ୍ଗିପୁର ହରି ପୁର ଗ୍ରାମ୍ୟ ରାସ୍ତା ର ମରାମତି , ଅତିଥି ଶିକ୍ଷକ ନିଯୁକ୍ତି ଆଦି ବିଷୟ ବସ୍ତୁ ବିଷୟରେ ପୁଙ୍ଖାନୁପୁଙ୍ଖ ବୈଠକରେ ଆଲୋନା କରାଯାଇଥିଲା ଶେଷରେ ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀ ଗୋପୀନାଥ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ବୈଠକରେ ମାନ୍ୟବର ମନ୍ତ୍ରୀ ଆଇନ ପୂର୍ତ୍ତ ଓ ଅବକାରି ଓଡିଶା ସରକାରଙ୍କ ପ୍ରତିନିଧି ଶ୍ରୀ ଜିତେନ୍ଦ୍ର କୁମାର ଭୋଳ, ଏବଂ ସତନ୍ତ୍ର ଅଧିକାରୀ ରୋଷନ ଶତପଥୀ , ମାନ୍ୟବର ସାଂସଦ ପୁରୀ ଙ୍କ ପ୍ରତିନିଧି ଶ୍ରୀ ଦିଲୀପ ମହାନ୍ତି, ମାନ୍ୟବର ବିଧାୟକ ଜଟଣୀଙ୍କ ପ୍ରତିନିଧି ମଂଚାସୀନ ଥିବାବେଳେ ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦ ଜୋନ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧକ୍ଷା ଅଧକ୍ଷ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତି ବୃନ୍ଦ ଉପସ୍ଥିତଥିଲେ

# ଓଡିଶାରେ ସୁଦୃଢ ହେବ ସଂଯୋଗ ବ୍ୟବସ୍ଥା

ଭୁବନେଶ୍ୱର, ୩।୬: ରାଜ୍ୟରେ ରାସ୍ତା ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି ଡବଲ ଇଞ୍ଜିନ ସରକାର । ବିଭିନ୍ନ ଜାତୀୟ ରାଜପଥ ଓ ଚାରି ଲେନ୍ ସଡ଼କ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଉପରେ ଜୋର ଦେଉଛି ପୂର୍ତ୍ତ ବିଭାଗ । ସ୍ଥାନୀୟ ଲୋକସେବା ଭବନରେ ସମ୍ପ୍ରତି ରାଜ୍ୟର ସଡ଼କ ଓ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

୫୦ କୋଟିରୁ ଉର୍ଦ୍ଧ ୪୮ଟି ହାଇୱେ ପ୍ରକଳ୍ପର ସମୀକ୍ଷା କରିଛନ୍ତି ପୂର୍ତ୍ତି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ପ୍ରକଳ୍ପକୁ ସଠିକ ସମୟରେ ସାରିବା ସହ ଯେଉଁ ପ୍ରକଳ୍ପ ପାରମ୍ଭିକ ପର୍ଯ୍ୟାୟରେ ଅଛି ତାକୁ ଶେଷ ପାଇଁ ଆଲୋଚନା ହୋଇଛି । ୪୮ଟି ପ୍ରକଳ୍ପ ସଠିକ ଭାବରେ କିପରି ଚାଲିବ, ସେଥିପାଇଁ ସମୀକ୍ଷା ହୋଇଛି । ଯେଉଁଠି ଯେଉଁ ସମସ୍ୟା ଥିଲା ତାର ସମାଧାନ ପାଇଁ ନିଷ୍ପତ୍ତି ହୋଇଛି । ୪୯ଟି ଜାତୀୟ ହାଇୱେ ପ୍ରକଳ୍ପ ୧୭୨୧ କୋଟି ଟଙ୍କାର ଶୁଭାରମ୍ଭ ହେବ । ୪୭ଟି ନୂଆ ପ୍ରକଳ୍ପ ପାଇଁ ଏଜେନ୍ସି ସହ ଚୁକ୍ତି ହୋଇଛି । ୧୨ ହଜାର ୧୦୨ କୋଟିର ଭିତ୍ତି ପ୍ରସ୍ତର ସ୍ଥାପନ ହେବ । ବିଗତ ବର୍ଷ ତୁଳନାରେ ଓଡ଼ିଶାରେ ରାସ୍ତା ନିର୍ମାଣ ୩ ଗୁଣ ବଢିଛି । ଆସନ୍ତା ୫ ତାରିଖରେ ୩ ବିଭାଗର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ । ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ । ଆମ ବିଭାଗ କଣ କଣ କରିଛି ତାର ପ୍ରଦର୍ଶନୀ କରାଯିବ, ଏହା କହିଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

ବିଭାଗୀୟ ମନ୍ତ୍ରୀ ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି, ଜମି ଅଧିଗ୍ରହଣ, ଜଙ୍ଗଲ ଅନୁମତି, ବିଦ୍ୟୁତ ଓ ପାନୀୟ ଜଳ ଲାଇନ୍ ସ୍ଥାନାନ୍ତର ଭଳି ସମସ୍ୟାଗୁଡ଼ିକର ସମାଧାନ ନେଇ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ ଏବଂ ନିର୍ଦ୍ଧାରିତ ସମୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ରାଜ୍ୟ ସରକାର ୩୧୬ ନଂ ଜାତୀୟ ରାଜପଥକୁ ୬ ଲେନ ବିଶିଷ୍ଟ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ଲକ୍ଷ୍ୟ ରଖିଛନ୍ତି ।

ଭୁବନେଶ୍ୱରରୁ ପୁରୀକୁ ନିର୍ମାଣ ହେବ ୬ ଲେନ ବିଶିଷ୍ଟ ହାଇ ସ୍ପିଡ଼ ଏଲିଭେଟେଡ଼ କରିଡର, ଉଭୟ ପାର୍ଶ୍ୱରେ ଦୁଇ ଲେନ ସର୍ଭିସ ରୋଡ଼ ସହିତ ମିଳିବ ଅନୁସଙ୍ଗିକ ସୁବିଧା, ସ୍ୱତନ୍ତ୍ର ୟୁଟିଲିଟି କରିଡର ଉପରେ ଗୁରୁତ୍ୱ ଦିଆଯାଉଛି । ଭିଡ଼ ନିୟନ୍ତ୍ରଣ ପାଇଁ ନିର୍ମାଣ ହେବ ଫ୍ଲାଏ ଓଭର । ସେହିପରି ରାଜଧାନୀ ଭୁବନେଶ୍ୱର-କଟକ ଟ୍ୱିନ୍ ସିଟି ଗମନାଗମନ ସୁବିଧା ପାଇଁ କାର୍ଯ୍ୟ ଉପରେ ପ୍ରାଥମିକତା ଦିଆଯାଇଛି । ସମ୍ବଲପୁର ବାଇପାସ, ଚଣ୍ଡିଖୋଲ ପାରାଦୀପ କରିଡର, ଉପକୂଳ ରାଜପଥ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ କରୁଛନ୍ତି । ସୂଚନା ଥାଉ କି ବର୍ତ୍ତମାନ ରାଜ୍ୟରେ ପ୍ରାୟ ୫,୮୭୨ କିଲୋମିଟର ଲମ୍ବ ଜାତୀୟ ରାଜପଥ ନେଟୱାର୍କ ରହିଛି । ଯାହା ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ସଂଯୋଗ କରୁଛି । କେନ୍ଦ୍ର ସରକାର ଓଡ଼ିଶା ପାଇଁ ପ୍ରାୟ ୧୩ ହଜାର କୋଟିର ଜାତୀୟ ରାଜପଥ ପ୍ରକଳ୍ପ ଅନୁମୋଦନ କରିଛନ୍ତି ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam, Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda